୬ ▶ ରୋନାଲ୍ଡୋଙ୍କୁ ମିଳିଲା ପ୍ରଥମ 'ବୋଟ୍' ପୁରସ୍କାର

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା, ପୃଷ୍ଠା ୮

8 Pages, ₹ 2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୨୬୯ ● ୩୦ ଅକ୍ଟୋବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-269 ● 30th October 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ବାତ୍ୟା 'ଅର୍ଣ୍ଣବ'କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ର ସହାୟତା ପାଇଁ ମିଳିଲା ଆଶ୍ୱାସନା

ଭୁବନେଶ୍ୱର, ୨୯।୧୦

ନ୍ୟୁଜ୍ ବ୍ୟୁରୋ

■ ଅନୁଧ୍ୟାନ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍
■ ଗଞ୍ଜାମ, ଗଜପତି ସର୍ବାଧିକ ପ୍ରଭାବିତ

ବାତ୍ୟା 'ଅର୍ଣ୍ଣବ'କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇ ଓଡ଼ିଶାରେ ବାତ୍ୟା ଅର୍ଣ୍ଣବର ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ବର୍ତ୍ତମାନର ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ତାଙ୍କୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ବାତ୍ୟା ପରିପ୍ରେକ୍ଷୀରେ ଓଡ଼ିଶାକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ଶାହ ଆଶ୍ୱାସନା ଦେଇଛନ୍ତି। ଭାରତ ସରକାରଙ୍କ ସହଯୋଗ ଓ ସମର୍ଥନ ଲୋକଙ୍କ ଜୀବନ ସୁରକ୍ଷା, ପ୍ରଭାବିତ ପରିବାରଗୁଡ଼ିକୁ ସହାୟତା ଯୋଗାଇବା ଏବଂ ସମଗ୍ର ରାଜ୍ୟରେ ରିଲିଫ୍, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଆମର ପ୍ରୟାସକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରତିବଦ୍ଧତା ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ଆମ ସରକାର ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତିକୁ ସୁଦୃଢ଼ କରିବା, ସମୁଦାୟର ସହନଶୀଳତା ବୃଦ୍ଧି କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ଆଗୁଆ ଯୋଜନା ପ୍ରସ୍ତୁତି, ଉନ୍ନତ ପୂର୍ବ ସତର୍କ ସୂଚନା ବ୍ୟବସ୍ଥା ଏବଂ ସମନ୍ୱିତ ମୁକାବିଲା ପ୍ରଣାଳୀ ମାଧ୍ୟମରେ ଆମେ ଏକ ଅଧିକ ସୁରକ୍ଷିତ ଓ ବିପର୍ଯ୍ୟୟ-ସହନଶୀଳ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରୁଛୁ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଏସଆରସି , ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଦିନତମାମ ସ୍ଥିତି ସମୀକ୍ଷା କରିଛନ୍ତି। ଅତ୍ୟଧିକ *(ପୃଷ୍ଠା ୭ରେ)*

ଆଜି ମିଳିବ ୨୪ତମ ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର, ୨୯।୧୦

ନ୍ୟୁଜ୍ ବ୍ୟୁରୋ

ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ।

ଏଥିସହିତ ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

ୟୁକ୍ରେନ ଟ୍ରେନ୍ ଉପରେ ଋଷର ଡ୍ରୋନ୍ ଆକ୍ରମଣ : ଚାଲିଗଲା ୧୩ ଜୀବନ

ନୂଆଦିଲ୍ଲୀ, ୨୯।୧୦

ୟୁକ୍ରେନ ସହର ଡନିପ୍ରୋରେ ଋଷ ଏକ ବଡ଼ ଡ୍ରୋନ୍ ଆକ୍ରମଣ କରିଥିବା ଗୁରୁବାର ଖବର ମିଳିଛି। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦ ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣ ପରେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏହି ଆକ୍ରମଣକୁ ଡନିପ୍ରୋ ରେଳ ଷ୍ଟେସନରେ ଏକ "ଭୟଙ୍କର ଋଷ ଆକ୍ରମଣ" ବୋଲି ବର୍ଣ୍ଣନା କରିଛନ୍ତି। ଋଷ ଡ୍ରୋନ୍ ବ୍ୟବହାର କରି ପ୍ଲାଟଫର୍ମରେ ଆକ୍ରମଣ କରିଥିଲା, ଯେଉଁଠାରେ ଏକ ନିୟମିତ ଯାତ୍ରୀବାହୀ ଟ୍ରେନ୍ ପାର୍କିଂ ହୋଇଥିଲା। ସେ କହିଛନ୍ତି, ଏପର୍ଯ୍ୟନ୍ତ ୧୩ ଜଣଙ୍କ ମୃତ୍ୟୁ *(ପୃଷ୍ଠା ୭ରେ)*

ଦୁର୍ଦ୍ଦାନ୍ତ ଅପରାଧୀ ଶିବାଙ୍କୁ ଏନ୍ଏସ୍ଏ ଲାଗିବା ମାମଲାରେ ଜିଲ୍ଲା ପ୍ରଶାସନଙ୍କୁ ଝଟ୍କା

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ାର ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ିପା ଶିବାଙ୍କୁ ଜାତୀୟ ସୁରକ୍ଷା ଆଇନ ଲଗାଯାଇଥିବା ମାମଲାରେ ଜିଲ୍ଲା ପ୍ରଶାସନଙ୍କୁ ଝଟ୍କା ଲାଗିଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅପରାଧୀ ଶିବା ଉପରୁ ଏନ୍ଏସ୍ଏ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାରୁ ଜଣାପଡ଼ିଛି ରାଜ୍ୟ ସରକାରଙ୍କ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ରାୟଗଡ଼ା ଜିଲ୍ଲାପାଳଙ୍କୁ ଚିଠି ଯୋଗେ ସୂଚାଇଛନ୍ତି ଯେ ଜିଲ୍ଲାପାଳ ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ିପା ଶିବାଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ) ୧୯୮୦ ଅନୁଯାୟୀ ଯେଉଁ କାରଣ ଦର୍ଶାଇଥିଲେ ତାହା ଯୁକ୍ତିଯୁକ୍ତ ଏବଂ ପର୍ଯ୍ୟାପ୍ତ ନୁହେଁ । ଏନେଇ ଜାତୀୟ ସୁରକ୍ଷା ଆଇନର ପରାମର୍ଶଦାତା ବୋର୍ଡର ରିପୋର୍ଟ ଏବଂ ମତାମତକୁ ବିଚାର କରିବା ପରେ ରାୟଗଡ଼ା ଜିଲ୍ଲା ମାଜିଷ୍ଟ୍ରେଟ ଦ୍ୱାରା ୨୮/୦୮/୨୬ ତାରିଖରେ ଦିଆଯାଇଥିବା ଅଟକ ଆଦେଶ ନଂ ୧୮୭୪କୁ ପ୍ରତ୍ୟାହାର କରାଯାଇଛି । ଏହା ଜାତୀୟ ସୁରକ୍ଷା ଆଇନରେ ଲଗାଇଥିବା କାରଣ ପର୍ଯ୍ୟାପ୍ତ ନୁହେଁ ବୋଲି ସମୀକ୍ଷାରୁ ଜଣାପଡ଼ିବା ପରେ ସରକାର ଉକ୍ତ ଆଇନର ଧାରା ୧୨(୨) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ଅପରାଧୀ ଶିବା ବିରୋଧରେ ଏନ୍ଏସ୍ଏରେ ଅଟକ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି । ଜାତୀୟ ସୁରକ୍ଷା ଆଇନ୍ ମାମଲାରୁ ତାଙ୍କୁ ମୁକ୍ତ କରିବା ସହ ଆଦେଶ ନେଇ ସମ୍ବଲପୁର ସର୍କଲ୍ ଜେଲ୍ ଅଧିକ୍ଷକଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଆଦେଶ ଆସିବା ପରେ ଶିବାଙ୍କ ଓକିଲ ନବ କୁମାର କାଣ୍ଡା ପରବର୍ତ୍ତୀ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ରାୟଗଡ଼ା ସହର ଗେଲି ସାହି ନିବାସୀ ୪୦ ବର୍ଷୀୟ ଶିବା ନାମରେ ୬୫ଟି ଅପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଥିଲା । ଗତ ଜୁନ୍ ମାସରେ ଶିବାର ପୁଅ ହାଡ଼ିପା ନିଖିଲଙ୍କୁ କିଛି ଅପରାଧୀ ଗୋଡ଼ାଇ ଗୋଡ଼ାଇ ଗୁଳି ମାରି ରାୟଗଡ଼ା ସହର ମଧ୍ୟରେ ହତ୍ୟା କରିଥିଲେ । କୁଆ ଆଣ୍ଡ଼ାରୁ ଲୁଟ୍ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଥିଲା । କୋରାପୁଟ ଜିଲ୍ଲା ଆଲମଣ୍ଡାରେ ହୋଇଥିବା କୁଆ ଲୁଟ୍ ଘଟଣାରେ ଉଭୟ ବାପା ପୁଅ ସଂଶ୍ଳିଷ୍ଟ ରହିଥିଲେ । ହତ୍ୟାକାଣ୍ଡ ପରେ ରାୟଗଡ଼ାରେ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା । ଶିବା ଘଟଣା ପରେ ରାୟଗଡ଼ା ଆକ୍ରମଣ ପାଇଁ ଉଦ୍ୟମ କରାଯାଇଥିଲା । ହତ୍ୟାକାଣ୍ଡ ଘଟଣାରେ ରାୟଗଡ଼ା ପୋଲିସ ୨୦ରୁ ଉର୍ଦ୍ଧ୍ୱ ଅପରାଧୀଙ୍କୁ ଗିରଫ କରିଥିଲା । ପୂର୍ବରୁ ବିଭିନ୍ନ ମାମଲା ରହିଥିବା ଦୁର୍ଦ୍ଦାନ୍ତ ଶିବାଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା । ଜାତୀୟ ସୁରକ୍ଷା ଆଇନ୍ ଲାଗିବା ପରେ ଏନେଇ ଶିବାର ଓକିଲ ନବ କୁମାର କଣ୍ଡାଙ୍କୁ କୌଣସି ସୂଚନା ଦିଆଯାଇନଥିଲା । ଶିବାର ସ୍ତ୍ରୀଙ୍କୁ ପୋଲିସ ଏନ୍ଏସ୍ଏ ଲାଗିଥିବା ନେଇ ତରବରିଆ ନୋଟିସ୍ ଜାରି କରିଥିଲେ ବୋଲି ଅଭିଯୋଗ କରିଥିଲେ । ଶିବା ବର୍ତ୍ତମାନ ସମ୍ବଲପୁର ସର୍କଲ୍ ଜେଲ୍‌ରେ ଥିବା ସୂଚନାରୁ ଜଣାପଡିଛି ।

ଶୃଙ୍ଖଳା ଗଛ ତଳେ ବିପଦରେ ଜୀବନ:କେଏମ୍‌ସି ନିରବ

କଟକ, ନ୍ୟୁଜ୍ ବ୍ୟୁରୋ

ସହରର ରାସ୍ତା କଡ଼ରେ ମୃତପ୍ରାୟ ଜର୍ଜରିତ ଶୃଙ୍ଖଳା ଗଛ। ପବନ ହେଉ କି ବର୍ଷା, ଯେକୌଣସି ମୁହୂର୍ତ୍ତରେ ଭାଙ୍ଗି ପଡ଼ି ନିରୀହ ଜୀବନ ନେବାର ଆଶଙ୍କା ରହିଛି। କଟକ ସହରର ରିଙ୍ଗ ରୋଡ୍, ବିଶେଷକରି କାଠଯୋଡ଼ି ନଦୀକୂଳ ରାସ୍ତାରେ ଏଭଳି ବିପଦପୂର୍ଣ୍ଣ ଶୃଙ୍ଖଳା ଗଛ ଯାତାୟାତ କରୁଥିବା ଲୋକଙ୍କ ଚିନ୍ତା ବଢ଼ାଉଛି। ପୋକ ଖାଇ ନଷ୍ଟ ହୋଇଯାଇଥିବା ଏବଂ ମୂଳ ଦୁର୍ବଳ ହୋଇଯାଇଥିବା ବଡ଼ ବଡ଼ ଗଛ ରାସ୍ତା କଡ଼ରେ ଛିଡ଼ା ହୋଇଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଭୟ ରହିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକ, ପଥଚାରୀ ଏବଂ ରାସ୍ତା କଡ଼ରେ ରହୁଥିବା ଲୋକଙ୍କ ଜୀବନ ଏଭଳି ଗଛ ଯୋଗୁ ବିପଦରେ ପଡ଼ିପାରେ। ପ୍ରବଳ ପବନ କିମ୍ବା ବର୍ଷା ହେଲେ ଦୁର୍ବଳ ଗଛ ଉପୁଡ଼ି ପଡ଼ିବା ଅଥବା ଡାଳ ଭାଙ୍ଗିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଏଭଳି ସ୍ଥିତିରେ ଆଗୁଆ ପଦକ୍ଷେପ ନିଆନଗଲେ କାହାର ଜୀବନ ଯିବାର ଉଦ୍ବେଗ, ତାହା କହିବା ମୁସ୍କିଲ। ଏହି ପରିସ୍ଥିତି କଟକ ମହାନଗର ନିଗମ (କେଏମ୍‌ସି)ର ବିପଦ ନିରାକରଣ ବ୍ୟବସ୍ଥା ଏବଂ ନିୟମିତ ତଦାରଖକୁ ନେଇ ପ୍ରଶ୍ନ ଉଠାଇଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଯଦି ରାସ୍ତାକଡ଼ରେ ଥିବା ବିପଦପୂର୍ଣ୍ଣ ଗଛଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନ ନିଏ, ତେବେ ଏହାଠାରୁ ବଡ଼ ଅବହେଳା ଆଉ କ'ଣ ହୋଇପାରେ? ଅଘଟଣ ଘଟିବା ପରେ ତତ୍ପରତା ଦେଖାଇବା ଅପେକ୍ଷା ଆଗୁଆ ସତର୍କତା ଅଧିକ ଜରୁରୀ। କେବଳ ଶୃଙ୍ଖଳା ଗଛ ନୁହେଁ, କଟକ ସହରର ବିଭିନ୍ନ ସ୍ଥାନରେ ଥିବା ପୁରୁଣା ଓ ଜରାଜୀର୍ଣ୍ଣ କୋଠାଗୁଡ଼ିକର ସ୍ଥିତି ମଧ୍ୟ ଚିନ୍ତାର କାରଣ। ଏଭଳି କୋଠାଗୁଡ଼ିକର ଅବସ୍ଥା ଯଦି ବିପଦଜନକ ହୋଇଥାଏ, ତେବେ ତାହାର ଯାଞ୍ଚ ଓ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। କୌଣସି ଅଘଟଣ ଘଟିବା ପରେ ହିଁ ପ୍ରଶାସନର ଚେତା ପଶିବ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସହରବାସୀଙ୍କ ମତରେ, କଟକରେ ରାସ୍ତାଘାଟ, ପରିମଳ ଓ ଅନ୍ୟାନ୍ୟ ନାଗରିକ ସମସ୍ୟା ସହିତ ଏବେ ଜନସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ଲୋକଙ୍କ ସମସ୍ୟାର ସମାଧାନ କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଲେ ଚଳିବ ନାହିଁ କାର୍ଯ୍ୟକ୍ଷେତ୍ରରେ ତାହାର ପ୍ରତିଫଳନ ଦେଖାଯିବା ଆବଶ୍ୟକ। ଏବେ ପ୍ରଶ୍ନ ଉଠୁଛି- କେଏମ୍‌ସି କେବେ ଏହି ବିପଦପୂର୍ଣ୍ଣ ଶୃଙ୍ଖଳା ଗଛଗୁଡ଼ିକର ଯାଞ୍ଚ କରିବ? କେବେ ଜରାଜୀର୍ଣ୍ଣ କୋଠାଗୁଡ଼ିକର ସ୍ଥିତି ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ? ନା କୌଣସି ଦୁର୍ଘଟଣା ଓ ଜୀବନ ହାନି ପରେ ହିଁ ପ୍ରଶାସନର ନିଦ ଭାଙ୍ଗିବ? ଜନସାଧାରଣଙ୍କ ଜୀବନ ସହିତ ଜଡ଼ିତ ଏହି ଗୁରୁତର ସମସ୍ୟାକୁ କେଏମ୍‌ସି ତୁରନ୍ତ ଗୁରୁତ୍ୱ ଦେଇ ବିପଦପୂର୍ଣ୍ଣ ଗଛ ଚିହ୍ନଟ, ଆବଶ୍ୟକ ଡାଳ କାଟିବା କିମ୍ବା ଗଛ ହଟାଇବା ଏବଂ ଜରାଜୀର୍ଣ୍ଣ କୋଠାଗୁଡ଼ିକର ଯାଞ୍ଚ ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଦୁର୍ଘଟଣା ପରେ କ୍ଷତିପୂରଣ ଦେବା ଅପେକ୍ଷା ଦୁର୍ଘଟଣାକୁ ରୋକିବା ହିଁ ପ୍ରଶାସନର ପ୍ରକୃତ ଦାୟିତ୍ୱ।

ରଙ୍ଗୋଲୀ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତି ନିବାରଣ ସଚେତନତା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସେଚତନତା ସପ୍ତାହ ପାଳନ ୨୦୨୬ ଉପଲେକ୍ଷ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗୋଲୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଙ୍ଗୋଲୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ମହିପାଳ ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ମଦ୍ରାସା ତାଲିମୁଲ୍ଇସଲାମ୍, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟ, ବଳଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ରଙ୍ଗୋଲୀ କରିଥିଲେ । ଏହି ରଙ୍ଗୋଲୀ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିବେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

କୁମାରୋତ୍ସବ ସମିତି ପକ୍ଷରୁ 'କୁଆଁତାରା' କାବ୍ୟ ଉନ୍ମୋଚିତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୫୩ ତମ ବାର୍ଷିକୋତ୍ସବ ମହାର୍ଘ ମଞ୍ଚର ଉଦଘାଟିନୀ ଆସରରେ ଝଙ୍କଡ଼ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ରଚିତ କାବ୍ୟ 'କୁଆଁତାରା'ର ଉନ୍ମୋଚନ କୁମାରପୂର୍ଣ୍ଣିମା ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କୁମାର ଉତ୍ସବ ସମିତିର ସଭାପତି ବିମଳକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗଦାନ କରି କୁମାର ଉତ୍ସବ ସମିତି ଦ୍ୱାରା ପ୍ରକାଶିତ ଏହି 'କୁଆଁତାରା' କାବ୍ୟର ଅନାବରଣ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ସମ୍ମାନନୀୟ ଅତିଥି ସତ୍ୟଭାମା ମୂକବଧିର ମହାବିଦ୍ୟାଳୟର ନିର୍ଦ୍ଦେଶିକା ନିରୋଜାଲକ୍ଷ୍ମୀ ମହାପାତ୍ର, ଆର୍ସେଲ ମିତ୍ତଲ ଷ୍ଟିଲର ମୁଖ୍ୟନିର୍ମାଣ ଅଧିକାରୀ ଦେବଦତ୍ତ ସାମଲ, ଉପଦେଷ୍ଟା ସୁଶ୍ରୀ ବିଜୟା ମହାନ୍ତି, ମଧୁସୂଦନ ପରିଜା, ସମ୍ପାଦକ ଡ. ଅନୀଲ ମହାପାତ୍ର ପ୍ରମୁଖଙ୍କ ଗହଣରେ ମୁଖ୍ୟଅତିଥି ସାଂସଦ ଶ୍ରୀ ତରାଇ ଝଙ୍କଡ଼ରତ୍ନ ଶ୍ରୀ ପଲାଇଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସାରସ୍ୱତ ଜୀବନର ଉତ୍ତରୋତ୍ତର କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜେନାମଣି ଅନୀଲ ରାୟ, ପ୍ରଶାନ୍ତ ମହାନ୍ତି, ନରେଶ ମହାପାତ୍ର, ପ୍ରଦୀପ୍ତ ମହାପାତ୍ର, ବିଜୟା ମହାନ୍ତି, ନବକିଶୋର ମହାପାତ୍ର, ମଳୟ ବାରିକ, ମନୋଜ ରାୟ, ସୁଧାଂଶୁ ମହାପାତ୍ର ଓ ରାଜଶ୍ରୀ ସ୍ୱାଇଁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

ଅନ୍‌ଲାଇନ୍ ବ୍ଲାକ୍‌ମେଲିଂ ଓ ଡିଜିଟାଲ୍ ଶୋଷଣ ବିରୋଧରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଏମ୍ଆଇଆଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ଓ ଯୁବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧରୁ ସୁରକ୍ଷିତ ରଖିବା, ଯୁବାବସ୍ଥାରେ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଭୁଲ୍ ନିଷ୍ପତ୍ତି ନେବାରୁ ଦୂରେଇ ରଖିବା ଏବଂ ଶିକ୍ଷା ଓ କ୍ୟାରିୟର ପ୍ରତି ଏକାଗ୍ରତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ବରଗଡ଼ ସ୍ଥିତ ଏମ୍ଆଇଆଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ସାଇବର ପୋଲିସ ଓ ଆଇସିସି କମିଟିର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ, ଶୃଙ୍ଖଳିତ ଓ ଦାୟିତ୍ୱବାନ ଜୀବନ ଗଢ଼ିବା ପାଇଁ ପ୍ରେରଣା ଦେଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ସାଇବର ପୋଲିସର ସବ୍-ଇନ୍ସପେକ୍ଟର ମଞ୍ଜେଶ ବେହେରା ଏବଂ ଆଇସିସି କମିଟିର ସଦସ୍ୟା ସଂଘମିତ୍ରା ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ଓ ଛାତ୍ରୀଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଉଭୟ ଅତିଥି ପୃଥକ୍ ପୃଥକ୍ ଅଧିବେଶନ ପରିଚାଳନା କରିଥିଲେ। ସାଇବର ଅପରାଧରୁ ସୁରକ୍ଷା ନେଇ ପୋଲିସର ସବ୍-ଇନ୍ସପେକ୍ଟର ମଞ୍ଜେଶ ବେହେରା ସାଇବର ଅପରାଧ, ଅନ୍‌ଲାଇନ୍ ଠକେଇ, ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ, ବ୍ୟକ୍ତିଗତ ଫଟୋର ଅପବ୍ୟବହାର, ଅନ୍‌ଲାଇନ୍ ବ୍ଲାକ୍‌ମେଲିଂ ଓ ଡିଜିଟାଲ୍ ଶୋଷଣ ଭଳି ସମସ୍ୟା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଅଜଣା ବ୍ୟକ୍ତିଙ୍କୁ ଅନ୍ଧ ଭାବରେ ବିଶ୍ୱାସ ନକରିବା, ବ୍ୟକ୍ତିଗତ ତଥ୍ୟ ଓ ପାସ୍‌ୱାର୍ଡ ସୁରକ୍ଷିତ ରଖିବା ଏବଂ କୌଣସି ଧମକ ବା ବ୍ଲାକ୍‌ମେଲିଂର ଶିକାର ହେଲେ ଭୟଭୀତ ନହୋଇ ଅଭିଭାବକ, ଶିକ୍ଷକ କିମ୍ବା ପୋଲିସର ସହାୟତା ନେବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ସମୟର ସଦୁପଯୋଗ, ଅଧ୍ୟୟନରେ ଏକାଗ୍ରତା, ଆତ୍ମନିୟନ୍ତ୍ରଣ, ନୈତିକ ମୂଲ୍ୟବୋଧ ଓ ଉଜ୍ଜ୍ୱଳ କ୍ୟାରିୟର ଗଠନକୁ ପ୍ରାଥମିକତା ଦେବା। ଏଭଳି ଶୃଙ୍ଖଳିତ ପରିବେଶ ସହ ସାଇବର ସୁରକ୍ଷା ସଚେତନତାର ସମନ୍ୱୟ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଯୁଗର ବିପଦ ବିଷୟରେ ସଚେତନ କରିବା ସହ ଦାୟିତ୍ୱପୂର୍ଣ୍ଣ ଜୀବନ ବାଛିବାକୁ ପ୍ରେରଣା ଯୋଗାଇଛି। ଛାତ୍ରଜୀବନ ହେଉଛି ଜ୍ଞାନ ଆହରଣ, ଦକ୍ଷତା ବିକାଶ ଓ ଭବିଷ୍ୟତ ଗଠନର ସର୍ବାଧିକ ମୂଲ୍ୟବାନ ସମୟ। ତେଣୁ ଅନାବଶ୍ୟକ ବିଭ୍ରାନ୍ତି, ସୋସିଆଲ୍ ମିଡିଆର ଅତ୍ୟଧିକ ବ୍ୟବହାର ଓ ଭାବପ୍ରବଣତାରେ ନିଆଯାଉଥିବା ଭୁଲ୍ ନିଷ୍ପତ୍ତିରୁ ଦୂରେଇ ରହି ଶିକ୍ଷା, ଶୃଙ୍ଖଳା, ଦକ୍ଷତା ଓ କ୍ୟାରିୟର ପ୍ରତି ଏକାଗ୍ର ରହିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଅଭିଭାବକ ଓ ଶିକ୍ଷକଙ୍କ ସଠିକ୍ ମାର୍ଗଦର୍ଶନ, ଖୋଲା ଆଲୋଚନା ଓ ସମୟୋଚିତ ସହଯୋଗ ଯୁବପିଢ଼ିକୁ ଭୁଲ୍ ନିଷ୍ପତ୍ତିରୁ ରକ୍ଷା କରିବା ସହ ସେମାନଙ୍କୁ ଆତ୍ମବିଶ୍ୱାସୀ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସରୋଜ କୁମାର ମାଝୀ ଉଭୟ ଅତିଥି ମଞ୍ଜେଶ ବେହେରା ଓ ସଂଘମିତ୍ରା ପଟେଲଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଅଧ୍ୟାପକ ସୁନୀଲ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମନୋଚିକିତ୍ସକ ନିଯୁକ୍ତି ପାଇଁ ଦାବି

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁରରେ ମୁଖ୍ୟ ଚିକିତ୍ସାଳୟରେ ମନୋଚିକିତ୍ସକ ନିଯୁକ୍ତି ଦାବି ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମନୋଚିକିତ୍ସକ ନିଯୁକ୍ତି ଦାବିରେ RARE ସଂସ୍ଥା ପକ୍ଷରୁ ତରଭା ବ୍ଲକ୍‌ରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପର FSG ସଦସ୍ୟ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ସୋନପୁର ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ମାନସିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ସହ ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଯେପରି ସହଜରେ ଉପଯୁକ୍ତ ଚିକିତ୍ସା ପାଇପାରିବେ, ସେଥିପାଇଁ ଡିଏଚ୍ଏଚ୍ ସୋନପୁରରେ ଜଣେ ମନୋଚିକିତ୍ସକ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏହି ନିଯୁକ୍ତି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଲୋକମାନେ ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ପାଇବାରେ ସହାୟତା ପାଇପାରିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ।

ମାଁ ମାହେଶ୍ୱରୀଙ୍କ ପୂଜାଉତ୍ସବ ଓ ବାର୍ଷିକ ସାଧାରଣ ସଭା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସଦର ବ୍ଲକ ଅନ୍ତର୍ଗତ ଜଗତୀ ଡୁମାଳ ସମାଜର ମାଁ ମାହେଶ୍ୱରୀଙ୍କ ପୂଜା ଉତ୍ସବ ଓ ବାର୍ଷିକ ସାଧାରଣ ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜଗତୀ ଆଖପାଖ ଅଞ୍ଚଳର ୧୫ଟି ଗ୍ରାମର ଡୁମାଳ ଜାତି ଭାଇ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ମା' ମାହେଶ୍ୱରୀଙ୍କ ପୂଜାକାର୍ଯ୍ୟ ପୂଜକ ଶିଶିର କଲତା ଓ ନିତ୍ୟାନନ୍ଦ କର୍ଣ୍ଣ କରିଥିଲେ । ପରେ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ସାଧାରଣ ସଭା ବିଶିକେଶନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଶମ୍ଭୁ ଗିରି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ମାହେଶ୍ୱରୀ ମନ୍ଦିର ଓ ସଂସ୍କୃତି ଭବନ ଶୀଘ୍ର ନିର୍ମାଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହା ସହ ବିଭିନ୍ନ ଗ୍ରାମରେ ସାମାଜିକ ଶୃଙ୍ଖଳା ପାଇଁ ଗ୍ରାମ୍ୟ କମିଟି ଗଠନ, ପରିବାରଓ୍ୱାରୀ ସର୍ଭେ କାର୍ଯ୍ୟ, ପାରିବାରିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । କୋଷାଧ୍ୟକ୍ଷ ନିରଞ୍ଜନ ଗିରି ବାର୍ଷିକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ସରପଞ୍ଚ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ଅତିଥି ଭାବେ ଯୋଗଦେଇ ସରକାରୀ ଓ ବେସରକାରୀ ସ୍ତରରେ ମନ୍ଦିର ନିର୍ମାଣରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

ସୁକିନ୍ଦାରେ ଜନ ଅଭିଯୋଗ ଶୁଣାଣି:୬୬ ମାମଲା ପଞ୍ଜିକୃତ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ୍ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୫ ଗୋଟି, ରେଡ୍‌କ୍ରସ୍ ପାଣ୍ଠିରୁ ୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ନଗେନ୍ଦ୍ରନାଥ ମହାପାତ୍ର, ଡେପୁଟି କଲେକ୍ଟର ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପରମିତା ପୃଷ୍ଟି, ତହସିଲଦାର ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ମହାରାଜା ଯଯାତି କେଶରୀ ମେଡିକାଲ କଲେଜରେ ତୃତୀୟ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ହ୍ୱାଇଟ୍ କୋଟ୍' ଓ ଶପଥ ଗ୍ରହଣ ଉତ୍ସବ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ସ୍ଥିତ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ର ଅଡିଟୋରିୟମ୍‌ରେ ୨୦୨୬-୨୦୨୭ ଶିକ୍ଷାବର୍ଷର ତୃତୀୟ ବ୍ୟାଚ୍ MBBS ଛାତ୍ରଛାତ୍ରୀଙ୍କ ପାଇଁ 'ହ୍ୱାଇଟ୍ କୋଟ୍' ଏବଂ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ନୂତନ ଭାବେ ନାମ ଲେଖାଇଥିବା ଡାକ୍ତରୀ ଛାତ୍ରଛାତ୍ରୀମାନେ ପାରମ୍ପରିକ ଧଳା କୋଟ୍ ପିନ୍ଧି ନିଷ୍ଠା ଓ ସଦିଚ୍ଛାର ସହ 'ମହର୍ଷି ଚରକ ଶପଥ' ପାଠ କରିଥିଲେ। ରୋଗୀ ସେବାକୁ ପ୍ରାଥମିକତା ଦେବା, ଗୋପନୀୟତା ରକ୍ଷା କରିବା, ସମାନତା, ନମ୍ରତା ଓ ବୃତ୍ତିଗତ ନୈତିକତା ବଜାୟ ରଖିବା ସହ ଶୃଙ୍ଖଳିତ ଏବଂ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ସେମାନେ ନିଜକୁ ଉତ୍ସର୍ଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ MJKMCHର ଡିନ୍ ଓ ପ୍ରିନ୍ସିପାଲ୍ ତଥା ସୁପରିଟେଣ୍ଡେଣ୍ଟ ପ୍ରଫେସର ଡା. ଜାମି ସାଗର ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ଆନ୍ତରିକତା ଓ ସମ୍ବେଦନଶୀଳତାର ସହ ସେବା କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସା କ୍ଷେତ୍ରଟି ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରଥମ ଦିନରୁ ହିଁ ଗମ୍ଭୀରତାର ସହ ପାଠପଢ଼ା କରିବା ଆବଶ୍ୟକ ଏବଂ ପ୍ରଥମ ବର୍ଷର ମଜଭୁତ୍ ଭିତ୍ତିଭୂମି ହିଁ ଭବିଷ୍ୟତ କ୍ୟାରିୟରକୁ ସଫଳ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର DHHର DMO ତଥା MS ଡାକ୍ତର ମନୋଜ କୁମାର ସେନାପତି ଏବଂ ଆନାଟୋମୀ ବିଭାଗର ମୁଖ୍ୟ ତଥା ଛାତ୍ର ସଂସଦର ଉପଦେଷ୍ଟା ପ୍ରଫେସର (ଡାକ୍ତର) ଧର୍ମ ନିରଞ୍ଜନ ମିଶ୍ରଙ୍କ ସମେତ ଫିଜିଓଲୋଜି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ୍ ଓ ଫାର୍ମାକୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ଏବଂ ଅଧ୍ୟାପକମାନେ ଉପସ୍ଥିତ ରହି ନୂତନ ବ୍ୟାଚ୍‌କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଗଜଲକ୍ଷ୍ମୀ ପୂଜା ଅବସରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆନ୍ଧ୍ର କେମ୍ପ ଛକ ଠାରେ ଶ୍ରୀରାମ ବଣିକ ସଂଘ ଦ୍ୱାରା ଆୟୋଜିତ ପବିତ୍ର ଗଜ ଲକ୍ଷ୍ମୀ ପୂଜା ଅବସରରେ ନିଷ୍ଠା ପରିବାର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ସମ୍ମାନୀତ ଅତିଥି ଭାବରେ ଡ. ମୂରଲୀ କ୍ରିଷ୍ଣା ଓ ସୁଧାଂଶୁ ଗଡତିଆ ଯୋଗଦେଇ ଆନୁଷ୍ଠାନିକ ଭାବରେ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ୍ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରଦ୍ଧାଳୁମାନେ ମାଁ ଗଜଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ସ୍ୱତଃ ରକ୍ତ ଦାନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ସ୍ମୃତି ଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ରକ୍ତଦାତା ମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲେ। ଶିବିରକୁ ନିଷ୍ଠା ପରିବାର ସଦସ୍ୟ ସଦସ୍ୟା ମାନେ ସୁପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରୀରାମ ବଣିକ ସଂଘର ସଭାପତି ଶ୍ୟାମ ସୁନ୍ଦର ସାହୁ, ସମ୍ପାଦକ ରିଙ୍କୁ ସେନ କର, ଜମିଦାର ସାହୁ, ଭରତ ପ୍ରଧାନଙ୍କ ସହ ସଚ୍ଚି ପଣ୍ଡା, ଜିତୁ ମହାପାତ୍ର, ତ୍ରିପୁରା ସୂହୁଲା ଓ ଅନ୍ୟମାନେ ସୁପରିଚାଳନା କରିଥିଲେ।

ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ଗଲେ କଟକ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକ

କଟକ, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକମାନଙ୍କୁ ତୀର୍ଥସ୍ଥଳୀ ପରିଦର୍ଶନ କରାଇବା ସହ ଆଧାତ୍ମିକ ଯାତ୍ରାର ଅନୁଭୂତି ଦେବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। କଟକ ମହାନଗର ନିଗମ ମେୟର ସୁବାସ ସିଂହ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଉପନିର୍ଦ୍ଦେଶକ ପର୍ଯ୍ୟଟନ, ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ସରକାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ସୂଚନା ଅନୁଯାୟୀ, କଟକ ମହାନଗର ନିଗମ ଅଞ୍ଚଳର ୨୮ ଜଣ, ଡମପଡା ବ୍ଲକର ୨୨ ଜଣ, ନିଶ୍ଚିନ୍ତକୋଇଲି ବ୍ଲକର ୨୧ ଜଣଙ୍କ ସମେତ ଜିଲ୍ଲାର ମୋଟ୍ ପଞ୍ଜୀକୃତ ତୀର୍ଥଯାତ୍ରୀଙ୍କ ସଂଖ୍ୟା ୧୯୭ ରହିଛି । ପଞ୍ଜୀକରଣ ସମୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଦିନ ୩ ଟା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଥିଲେ । କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ ଜଣ ଏସ୍କର୍ଟ ଅଫିସର ଯାତ୍ରା କରିଛନ୍ତି।

ତୁହାକୁ ତୁହା ବର୍ଷା:ବେହାଲ ଜୀବନ ଯାତ୍ରା

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଅର୍ଣ୍ଣବ ବାତ୍ୟାର ପ୍ରଭାବ ଯେପରି ରମ୍ଭା ଅଞ୍ଚଳରେ କିଛି ପକାଇ ତୁହାକୁ ତୁହା ଲଗାଣ ବର୍ଷାରେ ଜନଜୀବନ ବେହାଲ ସାଙ୍ଗକୁ ମା' ଲକ୍ଷ୍ମୀଙ୍କ ପୂଜା ଯାକ ଜମକରେ ପାଳନ ହୋଇପାରିନାହିଁ । ସ୍ଥାନେ ସ୍ଥାନେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୁକ୍ତ ପ୍ରସାଦ ସେବନ ହୋଇଥିବା ଜଣାଯାଇଛି। ଅର୍ଣ୍ଣବ ବାତ୍ୟା ପ୍ରଭାବରେ ତୁହାକୁ ତୁହା ବର୍ଷା ଧୀରେ ଧୀରେ ବଢିବା ସହ ସାଧାରଣ ଲୋକମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଥିବା ଲକ୍ଷ୍ୟ କରାଯାଇଛି । ବର୍ଷାରେ ପନିପରିବା ଚାଷ କରି ଚାଲୁଥିବା ସାଧାରଣ ଚାଷୀଟିର ବ୍ୟାପକ କ୍ଷତି ହେବା ସହ ସାଧାରଣ ଲୋକମାନେ ଦୂର ଦୂରାନ୍ତ ସ୍ଥାନକୁ କୌଣସି କାମରେ ଯିବା ଆସିବା କରିପାରୁନଥିବା ଦେଖିବାକୁ ମିଳିଛି। ଛକ ବଜାରରେ ଦୋକାନ ପତ୍ର ମଧ୍ୟ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ବର୍ଷାରେ ସାଧାରଣ ଲୋକମାନେ ଏକ ପ୍ରକାର ଘରୁ ପଦାକୁ ବାହାରୁନଥିବା ଦେଖାଯାଇଛି। ଚିଲିକା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ପରିବାର ଅର୍ଣ୍ଣବ ବାତ୍ୟା ପ୍ରଭାବରୁ ବର୍ତ୍ତୀ ନଥିବା ପରିବାର ଜଣାଯାଇଛି।

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଚାଷ ଉଜୁଡ଼ିଲା:ଚିନ୍ତାରେ ଚାଷୀ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି। ବାତ୍ୟା ଜନିତ ପାଣିପାଗର ପ୍ରଭାବରେ ଅଞ୍ଚଳର ପାଖାପାଖି ଶହ ଶହ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଫଳରେ ଚାଷକୁ ଆଧାର କରି ଜୀବିକା ନିର୍ବାହ କରୁଥିବା ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଚାଷଜମିରେ ପ୍ରବଳ ପବନ ଓ ବର୍ଷାର ପ୍ରଭାବ ପଡ଼ିଛି। ହଠାତ୍ ପାଣିପାଗର ପରିବର୍ତ୍ତନ ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଚାଷ ଜମିରେ କେତେ ପରିମାଣରେ ଫସଲ ନଷ୍ଟ ହୋଇଛି ଏବଂ ଚାଷୀଙ୍କ କେତେ ଆର୍ଥିକ କ୍ଷତି ହୋଇଛି, ତାହାର ସଠିକ୍ ଆକଳନ ହେବା ଜରୁରୀ ହୋଇପଡ଼ିଛି। ଚାଷ ହେଉଛି ଗ୍ରାମାଞ୍ଚଳର ଅନେକ ପରିବାରର ମୁଖ୍ୟ ଜୀବିକା। ବିଗତ ଦିନରେ ବାରମ୍ବାର ବନ୍ୟା ପରେ ଏଭଳି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଫସଲକୁ କ୍ଷତି ପହଞ୍ଚାଇଲେ ଚାଷୀଙ୍କ ଆୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ତେଣୁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷ ଜମିର ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନ କରାଯିବା ଆବଶ୍ୟକ। ଗତ ବନ୍ୟାରେ ଧାମନଗର ବ୍ଲକର ବିଭିନ୍ନ ରାସ୍ତା ଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏବେ ସୁଧା ମରାମତି ହୋଇନଥିବା ବେଳେ ପୁଣି କିଛି ଦିନ ହେବ ଅନବରତ ବର୍ଷାରେ ରାସ୍ତା ଘାଟରେ ପାଣି ଜମିରହିଛି ଯାତାୟାତରେ ବାଧା ମଧ୍ୟ ସୃଷ୍ଟି ହେଉଛି ।

ଲଗାଣ ବର୍ଷାରେ ଫିକା ପଡ଼ିଲା ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଗଣପର୍ବ ଶ୍ରୀଗଜଲକ୍ଷ୍ମୀ ପୂଜା ବାତ୍ୟା ଅର୍ଣ୍ଣବ ପାଇଁ ଫିକା ପଡ଼ିଛି। କେନ୍ଦ୍ରାପଡ଼ାର ଗଣପର୍ବ ଶ୍ରୀଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ଶତବାର୍ଷିକ ପାଳନ କରୁଥିବାରୁ ପ୍ରତ୍ୟେକ ପୂଜାମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ବଡ ବଡ ତୋରଣ ମାନ ନିର୍ମାଣ କରାଯାଇଛି। ଗତ ୨୫ ତାରିଖ ଠାରୁ ମା'ଙ୍କର ପୂଜା ଆରମ୍ଭ ହୋଇଛି। ୨୬ ଓ ୨୭ ତାରିଖ ଭକ୍ତମାନଙ୍କର ପ୍ରବଳ ଜନଗହଳୀ ଦେଖିବାକୁ ମିଳିଥିବାବେଳେ ୨୭ ରାତିରୁ ଏଯାଏଁ ଲଗାଣ ବର୍ଷା ଜାରି ରହିଛି। ଫଳରେ ସମସ୍ତ ପୂଜା ମଣ୍ଡପ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଫିକା ପଡିଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟବସାୟୀମାନେ ଆସି ବ୍ୟବସାୟ କରୁଥିବାବେଳେ ଦୁଇଦିନ ଧରି ବର୍ଷାରେ ଏମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡିଛି। ଏପଟେ ପୂଜା ମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ତୋରଣମାନ ଓ ସୁସଜ୍ଜିତ ଆଲୋକ ଦ୍ୱାରା କେନ୍ଦ୍ରାପଡ଼ା ସହର କମ୍ପୁଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ବର୍ଷା ପାଇଁ ଘରୁ ନବାହାରିବାରୁ ପୂଜାମଣ୍ଡପ ଗୁଡ଼ିକ ଫିକା ପଡିଛି। ଚଳିତ ବର୍ଷ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ଶତବାର୍ଷିକ ଉପଲକ୍ଷେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ବର୍ଷା ଯୋଗୁ ଏହାସବୁ ବେକାର ହୋଇଯାଇଛି।

ପଟାଙ୍ଗିରେ ପ୍ରବଳ ବର୍ଷା:ବ୍ୟାପକ ଫସଲ ଜମି ଜଳମଗ୍ନ

କୋରାପୁଟ, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବକୁ ନେଇ ଜିଲ୍ଲା ପ୍ରଶାସନ ସବୁ ପ୍ରକାର ପ୍ରସ୍ତୁତି କରିଥିବାବେଳେ, ବାତ୍ୟାର ପ୍ରଭାବ ଜିଲ୍ଲାରେ ପାଣିପାଗ ବିଭାଗ ଆକଳନ ଅନୁଯାୟୀ ପଡ଼ିନାହିଁ। ଜିଲ୍ଲାର କେବଳ ପଟାଙ୍ଗି ଅଞ୍ଚଳରେ କିଛିଟା ପ୍ରଭାବ ଦେଖିବାକୁ ମିଳିଛି। କୋରାପୁଟ ଗସ୍ତରେ ଥିବା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀ ବୁଲି ଦେଖିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶିକା ତଥା ବରିଷ୍ଠ ଆଇଏଏସ୍ ପୋମା ଟୁଡୁ ବୋରିଗୁମ୍ମା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ମା' ଗୃହ ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ବୁଲି ଦେଖିଥିଲେ। ଜିଲ୍ଲାରେ ମୋଟ୍ ୬୧ ମିଲିମିଟର ବର୍ଷା ହୋଇଥିବାବେଳେ, ପଟାଙ୍ଗିରେ ସର୍ବାଧିକ ୧୮ ମିଲିମିଟର ବର୍ଷା ହୋଇଥିଲା। ଫଳରେ ଚାଷ ଜମି ଗୁଡିକରେ ପାଣି ମାଡ଼ି ଯାଇଥିବାବେଳେ, ବଡା ପାଡୁ ନିକଟ ବ୍ରିଜ୍ ଉପରେ ବର୍ଷା ଜଳ ପ୍ରବାହିତ ହେବାରୁ ପ୍ରାୟ ୩/୪ ଘଣ୍ଟା ଧରି ଯାତାୟାତ ପ୍ରଭାବିତ ହୋଇଥିଲା। କିଛି ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ବାନ୍ଧୁ ଗୁଡ଼ାରେ ଘର ଭିତରେ ବର୍ଷା ଜଳ ପଡ଼ିବାରୁ ଲୋକେ ସ୍ଥାନୀୟ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ସେମାନଙ୍କୁ ରନ୍ଧା ଖାଦ୍ୟ ପ୍ରଶାସନ ତରଫରୁ ପ୍ରଦାନ କରାଯାଇଛି। ବର୍ଷା ଯୋଗୁଁ ଗୁହାଳ ଘର ଭୁଷୁଡ଼ି ପଡ଼ିଛି। ସେହିପରି ନନ୍ଦପୁର ବ୍ଲକର କିଛି ସ୍ଥାନରେ ଗଛ ଭାଙ୍ଗିଥିବାବେଳେ, ଗୁହାଳ ଘର ଭାଙ୍ଗି ଯାଇଛି। ଅନ୍ୟ କୌଣସି ସ୍ଥାନରୁ ସେମିତି କିଛି ଖବର ହସ୍ତଗତ ହୋଇନାହିଁ।

ଠକେଇ ମାମଲାରେ ୨ ମହିଳାଙ୍କୁ ୬ ବର୍ଷ ଜେଲ୍ ଦଣ୍ଡ ସହ ୫୦ ହଜାର ଜରିମାନା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଞ୍ଚଳରେ ଦୁଇ ଜଣ ମହିଳା ଅନେକ ଲୋକଙ୍କୁ ଲୋନ୍ କରାଇଦେବାନେଇ ବ୍ୟାପକ ଠକେଇ କରିଥିବା ୨୦୨୫ ମସିହାରେ ଥାନାରେ ମାମଲା ଦାୟର ହୋଇଥିଲା। ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ରିତା ଦାସ ଓ ଜଗତସିଂହପୁର ଦେଉଳି ଗ୍ରାମର ପ୍ରମିଳା ବାରିକ ଏହି ଦୁଇଜଣ ମହିଳା ବାଲିକୁଦା ଅଞ୍ଚଳରେ ଲୋକମାନଙ୍କୁ ଲୋନ୍‌ର ପ୍ରଲୋଭନ ଦେଖାଇ ୫୦ ଲକ୍ଷ ଠକିଥିବା ଜାଣିପାରିବା ପରେ ଲୋକମାନେ ବାଲିକୁଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବାଲିକୁଦା ପୋଲିସ ଅଭିଯୋଗ ପାଇ କେଶ୍ ନମ୍ବର ୪୨୪/୨୦୨୫, ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮(୪), ୩୧୯(୨), ୨୯୬, ୩୫୧(୩), ୧୧୨(୨), ୩(୫), ଅନୁଯାଇ ମାମଲା ରୁଜୁ ହୋଇଥିଲା। ମାମଲାକୁ ତଦନ୍ତ କରୁଥିବା ଅଧିକାରୀ ମହିଳା ଦୁଇଜଣଙ୍କ ନାମରେ କେଶ୍ ଫାଇଲ୍ ଚାର୍ଜ ସିଟ୍ କୋର୍ଟରେ ପ୍ରଦାନ କରିଥିଲେ। କୋର୍ଟରେ ଉପଯୁକ୍ତ ସାକ୍ଷୀ ପ୍ରମାଣ ଓ ଦସ୍ତାବିଜ୍‌କୁ ଭିତ୍ତିକରି ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ ଉଭୟ ଅଭିଯୁକ୍ତ ମାନଙ୍କୁ ୬ ଜେଲ୍ ଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ରାୟ ଶୁଣାଣି କରିଥିଲେ। ଜରିମାନା ନଦେଲେ ଅଧିକ ୬ ମାସର ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି କହିଥିଲେ। ଏହି ମାମଲାର ସରକାରଙ୍କ ପକ୍ଷରୁ ଏପିପି ଦେବେନ୍ଦ୍ର ନାଥ ସ୍ୱାଇଁ ଓ ପର୍ଶୁରାମ ରାଉତ କେଶ୍ ପରିଚାଳନା କରିଥିଲେ। ଜଗତସିଂହପୁର ଏସ୍‌ଡିଜେଏମ୍‌ଙ୍କ ଏଭଳି ରାୟ ଜିଲ୍ଲା ତଥା ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିବା ସହିତ ଠକେଇରେ ଜଡିତ ଲୋକମାନଙ୍କୁ ଏକ ଶିକ୍ଷା ଦେବ ବୋଲି ସାଧାରଣ ସମାଜରେ ମତ ପ୍ରକାଶ ପାଇଛି। ଏହାଦ୍ୱାରା ଲୋନ୍ ପାଇଁ ଆଶାୟୀ ଥିବା ଲୋକମାନେ ଠକମାନଙ୍କ ଠାରୁ ଦୂରେଇ ରହିବା ସହିତ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

ଛାତ୍ରଛାତ୍ରୀଙ୍କୁ ଆଇନ୍ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଆଇନ୍ ସେବା ପ୍ରାଧିକରଣ ନାଲସାଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚ୍ପନ୍ ଅଭିଯାନ' ବୌଦ୍ଧ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ୍ ଠାରେ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ରାୟ ସୁରକ୍ଷିତ ବଚ୍ପନ୍ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମହିଳା ଅଦାଲତ ବିଚାରପତି ସୁନନ୍ଦା ଦାସ, ସମ୍ମାନିତ ଅତିଥି ଭାବେ ମହିଳା ଶିଶୁ ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ, ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ ପ୍ରମୋଦ ସାହୁ, ଶିଶୁ ସୁରକ୍ଷା ଅଧିକାରୀ ସରୋଜ ଭୋଇ, ଶିଶୁ ସୁରକ୍ଷା କମିଟିର ସଭ୍ୟ ସୀତାକାନ୍ତ ସାହୁ, ଯୋଗଦେଇ ପୋକ୍‌ସୋ ଆଇନ, ୨୦୧୨ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଜାଗ୍ରତ କରିବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଅଂଶୀଦାରମାନଙ୍କୁ ଶିଶୁ ଅଧିକାର, ବାଲ୍ୟବିବାହ ସୁରକ୍ଷା, ଅନ୍‌ଲାଇନ୍ ସୁରକ୍ଷା, ଅଭିଯୋଗ ଦାଖଲ ପ୍ରକ୍ରିୟା ଏବଂ ମାଗଣା ଆଇନ୍ ସହାୟତା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବୌଦ୍ଧ ଥାନା ଅଧିକାରୀ ରିତ କୁମାର ମୁନା, ସ୍କୁଲର ଶିକ୍ଷୟିତ୍ରୀ ସୌଦାମିନୀ ଗୌଡ଼ ଉପସ୍ଥିତ ଥିଲେ। ଏଥିପାଇଁ ବାଲ୍ୟବିବାହ ରୋକିବା, ଶିଶୁ ଶିକ୍ଷା ଓ ଶିଶୁ ସୁରକ୍ଷାକୁ ନେଇ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜନିଷ୍ଠ କିରାଣୀ ସୁର୍ଯ୍ୟ କୁମାର ଜେନା, ପିଏଲଭି ସୁଶୀଳ ଦାସ, ଅର୍ଜୁନ ପ୍ରଧାନ, ରାଜନ କର୍ଣ୍ଣ, ସ୍ମୃତାଂଶୁଶେଖର ମିଶ୍ର, ନନ୍ଦୀ କିଶୋର ମହାନନ୍ଦିଆ, ବାମନ ବେହେରା ସହଯୋଗ କରିଥିଲେ।

ବିଜେପିର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରର ମୋଦୀ ସରକାର, ବିଜେପି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକାରୀ ସଂସ୍ଥା ବିରୁଦ୍ଧରେ ବିରୋଧୀଙ୍କ ଆନ୍ଦୋଳନ ଓ ଅପପ୍ରଚାରକୁ ପ୍ରତିହତ କରିବା ପାଇଁ ବିଜେପି ପକ୍ଷରୁ ଦେଶ ବ୍ୟାପି 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ଆରମ୍ଭ କରାଯାଇଛି। ଏହି ମର୍ମରେ ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କର୍ଯ୍ୟକ୍ରମ ଯର ପରିକଳ୍ପନାକୁ ନେଇ ଯସମ୍ବଲପୁର ଜିଲ୍ଲା ଭାଜପା ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଗଣତନ୍ତ୍ରର ସୁରକ୍ଷା, ଜନସାଧାରଣଙ୍କ ମୌଳିକ ଅଧିକାର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁଦୃଢ଼ୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ଅଗ୍ରସେନ୍ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଓ ଅତିଥି ଭାବେ ଯୋଗଦେଇ ଦଳର ବରିଷ୍ଠ ନେତୃବୃନ୍ଦ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅରାଜକତା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ୍ ଦେଇଥିଲେ। ଏହି ଅବସରରେ ଏହି ଅଭିଯାନର କ୍ଲଷ୍ଟର ଇନଚାର୍ଜ ତଥା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ କଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ପଟେଲ ଓ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଦେଶ ଓ ପ୍ରଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଓ ବିରୋଧୀଙ୍କ ଅପପ୍ରଚାରକୁ ରୋକିବା ସହ ଜନସାଧାରଣଙ୍କ ପାଖରେ ସତ୍ୟକୁ ଉପସ୍ଥାପିତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତଥା ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ଓ ଆଶିଷ ହୋତା, ବରିଷ୍ଠ ନେତା ଦାମୋଦର କର, ମୋର୍ଚ୍ଚା ସଭାପତି ପ୍ରଭୁଦତ୍ତ ପଣ୍ଡା, ସୁଷମା ସାହୁ, ମିତ୍ରଭାନୁ ପ୍ରଧାନ, ହରବ୍ରତ ସେନାପତି, ଗୁରଦିପ ସିଂ, ରମେଶ ପ୍ରଧାନଙ୍କ ସମେତ ଭାଜପା ଜିଲ୍ଲା ନେତୃବୃନ୍ଦ, ବିଭିନ୍ନ ମଣ୍ଡଳର ସଭାପତି ଏବଂ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ବିଭିନ୍ନ ସମସ୍ୟା ନେଇ ଅଲିଭା ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଅଲିଭା ମହାସଂଘ ତରଭା ବ୍ଲକ ପକ୍ଷରୁ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାରଙ୍କ ନେତୃତ୍ୱରେ ମହାସଂଘର ସଦସ୍ୟାମାନେ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ସାକ୍ଷତ କରି ତରଭା ବ୍ଲକର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ସଂଘର କର୍ମକର୍ତ୍ତାମାନେ ଜିଲ୍ଲାପାଳ ଦେବାଶିଷ ସିଂଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ସହିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାସ୍ତା ନିର୍ମାଣ, ପାଣି ସମସ୍ୟା, ଗୋଷ୍ଠି ଗତ ପାଇଖାନା କାର୍ଯ୍ୟକ୍ଷମ, ପେନ୍‌ସନ୍ ହିତାଧିକାରୀ ଗତ ଛଅ ମାସ ଧରି ସେମାନଙ୍କର ପେନ୍‌ସନ୍ ପାଇନାହାଁନ୍ତି। ଏହାର ତୁରନ୍ତ ଯାଞ୍ଚ ଏବଂ ବିଚାରାଧୀନ ପେନ୍‌ସନ୍ ରାଶି ବଣ୍ଟନ କରିବାକୁ ନିବେଦନ କରାଯାଇଛି। ଅନାଥ ଶିଶୁମାନଙ୍କୁ ସ୍ପଂଶୋରସିପ୍ ସହାୟତା ସମସ୍ୟା, ସରକାରୀ ସ୍କୁଲ୍‌ଗୁଡ଼ିକ ଶିକ୍ଷକ- ସମ୍ବନ୍ଧୀୟ ସମସ୍ୟା ଯେଉଁଥିରେ ଶିକ୍ଷକ ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରଭାବିତ କରୁଥିବା ଅସୁବିଧା ଅତିରିକ୍ତ ଶ୍ରେଣୀ ଗୃହ ଓ ବାଳିକା ଶୌଚାଳୟ ନିର୍ମାଣ। ମହିଳା ଓ ଶିଶୁ ଗ୍ରାମସଭା ବୈଠକ ନିୟମିତ ଭାବରେ ଆୟୋଜନ କରାଯିବାକୁ ଦାବି କରାଯାଇଛି ଓ ଆବଶ୍ୟକ ଉପରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ବାତ୍ୟା ଅର୍ଣ୍ଣବର ପ୍ରଭାବ:ପବନ ଓ ବର୍ଷା ପ୍ରଭାବରେ ଗଛ ଉପୁଡ଼ିଲା, ମାଟିଘର କାନ୍ଥ ଭୁଶୁଡ଼ିଲା

ରାୟଗଡ଼, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ଦୁଇଦିନ ଧରି ଜିଲ୍ଲାରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ମାଟିଘର କାନ୍ଥ ଆଂଶିକ ଭାବେ ଭୁଶୁଡ଼ି ପଡ଼ିଛି। ଅନେକ ସ୍ଥାନରେ ରାସ୍ତା ଉପରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ଗଛ କାଟି ରାସ୍ତା ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ବର୍ଷାଜନିତ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଜିଲ୍ଲାର ୯ଟି ମା' ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୩୬ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୮୬ ଜଣଙ୍କ ପ୍ରସବ ହୋଇସାରିଛନ୍ତି। ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁଁ ରାୟଗଡ଼ା ତହସିଲର କାରୁବାଇ ଆର୍.ଆଇ. ସର୍କଲ ଅନ୍ତର୍ଗତ ତମାଲବାଇ ଗ୍ରାମର ଅଜୟ କରକରିଆଙ୍କ ମାଟିଘରର ଗୋଟିଏ କାନ୍ଥ ପଡି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ପରିବାରକୁ ପ୍ରଶାସନ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯିବା ନେଇ ସୂଚନା ମିଳିଛି। ସେହିପରି ରାମନାଗୁଡ଼ା ତହସିଲ ଅନ୍ତର୍ଗତ କାନ୍ଦା ତାମିଙ୍ଗି ଗ୍ରାମରେ ଏକ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଷମକଟକ ତହସିଲ ଅନ୍ତର୍ଗତ ବେଥିଆପଡ଼ାରେ ମଧ୍ୟ ଗୋଟିଏ ଘରର କାନ୍ଥ କ୍ଷତିଗ୍ରସ୍ତ ହୋଇଛି। ଏଥିସହ କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତର ରେଖାଲିଗୁଡ଼ା ଗ୍ରାମରେ ଏକ ବିରାଟ ଗଛ ଉପୁଡି ପଡ଼ିଥିବା ବେଳେ ରାମନାଗୁଡ଼ା ମୁଖ୍ୟ ରାସ୍ତାରେ ମଧ୍ୟ ବଡ଼ ଗଛ ଉପୁଡ଼ି ଯାତାୟାତରେ ବାଧା ସୃଷ୍ଟି କରିଥିଲା। କାଶୀପୁର ବ୍ଲକର ତୋଟାଗୁଡ଼ା ଠାରେ ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ରାୟଗଡ଼ା ବ୍ଲକର ପେରିଗାଁ ପ୍ରାଥମିକ ବିଦ୍ୟାଳୟ ଉପରେ ମଧ୍ୟ ଗଛ ଉପୁଡ଼ି ପଡ଼ିଛି। ଖବରପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ବୋଲି ଜିଲ୍ଲାପାଳ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଲଗାଣ ବର୍ଷା ସମୟରେ ରାସ୍ତା ଉପରେ ବାରମ୍ବାର ଗଛ ପଡ଼ିବା ଘଟଣାକୁ ନେଇ ମୁଖ୍ୟ ରାସ୍ତାକଡ଼ରେ ଥିବା ଶୁଖିଲା ଓ ବିପଦଜନକ ଗଛଗୁଡ଼ିକୁ ଚିହ୍ନଟ କରି ହଟାଇବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର କେତେକ ସ୍ଥାନରେ କ୍ଷୟକ୍ଷତି ଘଟିଥିବାରୁ ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖିବା ସହ ପ୍ରଭାବିତ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଏବଂ ବିପଦପୂର୍ଣ୍ଣ ଗଛଗୁଡ଼ିକୁ ହଟାଇବା ଦିଗରେ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି।

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱରେ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବିଧାୟକଙ୍କ ନିଜସ୍ୱ ପାଣ୍ଠି ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନାଗୁଡିକର କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଏହି ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ସଭାପତି ଲିଲିପ୍ତା ଦାସ, ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲାଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶିକା ଆରତୀ ନାୟକ, କେନ୍ଦ୍ରାପଡା ବିଡିଓ ଅଭିଶେକ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭୋଳ, ପ୍ରଦୀପ୍ତ ମହାନ୍ତିଙ୍କ ସମେତ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ବିଧାୟକଙ୍କ ପାଣ୍ଠି ଦ୍ୱାରା ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଯୋଗାଣ, ଜଳ ଓ ପରିମଳ, କୃଷି ଇତ୍ୟାଦିର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଯାଜନାଗୁଡ଼ିକୁ ତୁରନ୍ତ ସାରିବା ସହିତ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ବାଧା ବିଘ୍ନକୁ ତୁରନ୍ତ ସମାଧାନ କରିବା ସହିତ ସମନ୍ୱୟ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରଖି ବିଧାୟକଙ୍କ ପାଣ୍ଠି ଦ୍ୱାରା କରାଯାଇଥିବା ଯୋଜନାଗୁଡ଼ିକୁ ସଫଳକରି ଜନସାଧାରଣଙ୍କ ହିତରେ ଲଗାଇବା ପାଇଁ ବିଧାୟକ ଶ୍ରୀ ବେହେରା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଉପରେ ଗୁରୁତ୍ୱ ଦେଇଥିଲେ। ଆୟୋଜିତ ଏହି ବୈଠକରେ ସମସ୍ତ ଉଚ୍ଚସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

— ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ —

ବିକାଶ ଭବନରେ 'ସାଧୁତାରୁ ସମୃଦ୍ଧି'

ରାଉରକେଲା, ନ୍ୟୁଜ୍

ରାଜ୍ୟରେ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ ଶାଖା ଏବଂ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ସାଧୁତାରୁ ସମୃଦ୍ଧି'। ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସଓ୍ୱନ୍ତ ସିଂ, ରାଉରକେଲା ଭିଜିଲାନ୍ସ ଡିଭିଜନର ଅତିରିକ୍ତ ଅଧୀକ୍ଷକ ସୋମନାଥ ଜେନା, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସ୍‌ପି, ଦୈତାରି ଘଡ଼େଇ, ଡିଏସ୍‌ପି ରାଜେନ୍ଦ୍ର ସିଂହଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେହିଭଳି ଭିଜିଲାନ୍ସ ଡି.ଏସ୍.ପି ଶ୍ରୀ ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ରାଉରକେଲା ଭିଜିଲାନ୍ସ ଡିଭିଜନ୍‌ର ଅତିରିକ୍ତ ଅଧୀକ୍ଷକ ଶ୍ରୀ ଜେନା ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ଠାରୁ ନିବୃତ ରହିବା ସହିତ ସଚୋଟତାର ସହିତ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମାଜରୁ ଦୁର୍ନୀତିର ଦୂରୀକରଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ ଏବଂ ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ସଜାଗ ଓ ସଚେତନ ରହିବାକୁ କହିଥିଲେ। ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ସେହି ପ୍ରତିଯୋଗିତା ଗୁଡ଼ିକରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭିଜିଲାନ୍ସ ଇନ୍‌ସପେକ୍ଟର ବୃନ୍ଦାବତୀ ତାଣ୍ଡି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଶା କର୍ମୀ, ବରିଷ୍ଠ ନାଗରିକ, ଭିଜିଲାନ୍ସ ବିଭାଗର କର୍ମଚାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ପ୍ରକାଶଥାଉକି, ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟାଳୟ, ସମସ୍ତ ଜିଲ୍ଲା ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ ମାନଙ୍କରେ ଆଭାସୀ ମାଧ୍ୟମରେ ସମସ୍ତ ଅଧିକାରୀ ତଥା କର୍ମଚାରୀ ମାନଙ୍କୁ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ପାଠ କରାଇଥିଲେ।

ଧାନ ନଡ଼ାରୁ ଜୈବିକ ଖତ ଓ ପରିବେଶ ଅନୁକୂଳ ଥାଳି:୧୮୩ ମାଷ୍ଟର ଟ୍ରେନ୍‌ରଙ୍କୁ ତାଲିମ୍

କଟକ, ନ୍ୟୁଜ୍ ବ୍ୟୁରୋ

ଧାନ ଅମଳ ପରେ ନଡ଼ାକୁ ଅଦରକାରୀ କୃଷି ଅବଶିଷ୍ଟ ଭାବେ ନଦେଖି ଏହାକୁ ଉପଯୋଗୀ ସମ୍ପଦରେ ପରିଣତ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି କଟକ ସ୍ଥିତ ଆଇସିଏଆର୍–କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର୍–ସିଆର୍‌ଆର୍‌ଆଇ)। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସହଯୋଗରେ ଓଆଇଆଇପିସିଆର୍‌ଏ ପ୍ରକଳ୍ପ ଅଧୀନରେ ଧାନ ନଡ଼ାର ବୈଜ୍ଞାନିକ ପରିଚାଳନା ଓ ଉପଯୋଗ ସମ୍ପର୍କରେ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ୍ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଅକ୍ଟୋବର ୫ ତାରିଖରୁ ଦୁଇଦିନିଆ ଦକ୍ଷତା ବିକାଶ ତାଲିମ ଶିବିର ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ମୋଟ୍ ୧୪ଟି ପର୍ଯ୍ୟାୟରେ ଏହି ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପର୍ଯ୍ୟନ୍ତ ସାତଟି ପର୍ଯ୍ୟାୟରେ ୧୮୩ ଜଣ ମାଷ୍ଟର ଟ୍ରେନର ତାଲିମ୍ ନେଇସାରିଛନ୍ତି। ତାଲିମ୍‌ପ୍ରାପ୍ତଙ୍କ ମଧ୍ୟରେ ୧୪୮ ଜଣ ପୁରୁଷ ଓ ୩୫ ଜଣ ମହିଳା ଅଛନ୍ତି। ଏହି ତାଲିମ୍‌ରେ କୃଷି ବିଭାଗର ଅଧିକାରୀ, ପାଣି ପଞ୍ଚାୟତ ଓ କୃଷକ ପ୍ରତିନିଧିଙ୍କ ସମେତ ବିଭିନ୍ନ ସାମାଜିକ କର୍ମୀ ଓ ଅନ୍ୟାନ୍ୟ ଅଂଶୀଦାର ସାମିଲ୍ ହୋଇଛନ୍ତି। ଧାନ ନଡ଼ାକୁ ଅଣୁଜୀବଙ୍କ ସହାୟତାରେ ଜୈବିକ ଉପାୟରେ ବିଘଟନ କରିବା, ଏଥିରୁ ଜୈବିକ ଖତ ପ୍ରସ୍ତୁତ କରିବା ଏବଂ ନଡ଼ାରୁ ଜୈବ-ବିଘଟନଶୀଳ ଥାଳି ତିଆରି କରିବା ସମ୍ପର୍କରେ ତାଲିମ୍ ଦିଆଯାଉଛି। ପ୍ରକଳ୍ପର ଲକ୍ଷ୍ୟ ହେଉଛି ରାଜ୍ୟର ୧୫ଟି ଜିଲ୍ଲାର ୭,୫୦୦ ହେକ୍ଟର ଜମିରେ ଧାନ ନଡ଼ା ପରିଚାଳନା ସମ୍ପର୍କିତ ମାନକ କାର୍ଯ୍ୟ ପଦ୍ଧତି (ଏସ୍‌ଓପି) କାର୍ଯ୍ୟକାରୀ କରିବା। ଏହାଦ୍ୱାରା ମାଟିର ସ୍ୱାସ୍ଥ୍ୟ ଓ ଉର୍ବରତାରେ ଉନ୍ନତି ଆସିବା ସହ ମାଟିରେ ଜୈବିକ ଅଙ୍ଗାରକର ପରିମାଣ ବୃଦ୍ଧି ପାଇବ। ଏଥିସହ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସହ୍ୟ କରିବାରେ କୃଷି ବ୍ୟବସ୍ଥା ଅଧିକ ସକ୍ଷମ ହେବା ସହ କୃଷକଙ୍କ ପାଇଁ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ। ଧାନ ନଡ଼ାର ସଠିକ୍ ଉପଯୋଗ ଦ୍ୱାରା କୃଷି ଅବଶିଷ୍ଟରୁ ମୂଲ୍ୟବାନ ସମ୍ପଦ ସୃଷ୍ଟି କରିବା ସମ୍ଭବ। ଏହି ପଦକ୍ଷେପ ଜୈବିକ ଖତ ଉତ୍ପାଦନ, ପରିବେଶ ସୁରକ୍ଷା ଓ ସ୍ଥାୟୀ କୃଷିର ପ୍ରସାରକୁ ପ୍ରୋତ୍ସାହିତ କରିବା ସହ କୃଷକଙ୍କ ଆୟ ବୃଦ୍ଧି ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବା ଆଶା କରାଯାଉଛି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୮ / ୯ର	୭	୬ଚ / ୫ରା
୧୦ବୃମ	୫ / ୩	୪
୧୧କେ / ୧୨	ଶୁବୁରଲ	୩ / ୨

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୩୦।୧୦।୨୦୨୬, କାର୍ତ୍ତିକ ଦ୧୪ନ, ଶୁକ୍ରବାର

ସୂର୍ଯ୍ୟୋଦୟ- ଘ ୫।୪୮।୫୩ ଚନ୍ଦ୍ରୋଦୟ- ରାଘ୯।୦୭।୧୫

ପଞ୍ଚମୀ ସଂଘ ୭।୨୯ ପର୍ଯ୍ୟନ୍ତ। ମୃଗଶିରା ନକ୍ଷତ୍ର ଦିଘ ୯।୦୭ ପର୍ଯ୍ୟନ୍ତ। ମିଥୁନ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ସଂଘ ୭।୨୯ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୧ ଗତେ ଦିଘ ୬।୩୭ ମଧ୍ୟେ। ଦିଘ ୧୧।୫୪ ଗତେ ଦିଘ ୨।୫୬ ମଧ୍ୟେ।

ମେଷ: ଶାରୀରିକ କଷ୍ଟ ଅନୁଭବ କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ସାମାଜିକ କ୍ଷେତ୍ରରେ ସମ୍ମାନ ହାନୀ ଘଟିବ। ଘରେ ଅଶାନ୍ତି ଦେଖାଦେବ। ଠକାମିର ଶିକାର ହୋଇପାରନ୍ତି।

ବୃଷ: ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ବ୍ୟୟର ମାତ୍ରା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ମନ ଅସ୍ଥିର ରହିବ।

ମିଥୁନ: ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଶତ୍ରୁ ନାଶ ହେବେ। ଆୟର ପରିମାଣ ଅଧିକ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ।

କର୍କଟ: ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେଇପାରେ। ବନ୍ଧୁଙ୍କ ସହ ଅସହଯୋଗ ଦେଖାଦେବ। ପାରିବାରିକ ଅସନ୍ତୋଷ ଦେଖାଦେବ।

ସିଂହ: ଶରୀର ସୁସ୍ଥ ରହିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ମାନସିକ ଶାନ୍ତି ଅବ୍ୟାହତ ରହିବ। ନୂତନ କାର୍ଯ୍ୟମାନ ଆରମ୍ଭ କରିପାରନ୍ତି। ରୋଜଗାର ଭଲ ହେବ।

କନ୍ୟା: ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଖର୍ଚ୍ଚର ମାତ୍ରା ବଢ଼ିବ। କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଅଳସୁଆ ହେବେ। ପାରିବାରିକ ସୁଖ ସନ୍ତୋଷ ଲାଭ ହେବ।

ତୁଳା: ବ୍ୟବସାୟରେ ଲାଭବାନ୍ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଘରେ ସୁଖ ଲାଭ ହେବ।

ବିଛା: ସାମାଜିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସମ୍ମାନ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଘରେ ଆନନ୍ଦ ଦେଖାଦେବ। ରୋଜଗାର ଭଲ ହେବ। ଭ୍ରମଣ ଯୋଗ ସହ ଦେବ ଦର୍ଶନ କରିପାରନ୍ତି।

ଧନୁ: କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବ। ଆର୍ଥିକ ସମସ୍ୟା ଭିତରେ ଗତି କରିବେ। ଘରେ ସମ୍ବାସ୍ଥ୍ୟକୁ ନେଇ ଚିନ୍ତିତ ହେବେ। ବନ୍ଧୁଙ୍କ ସହ ଅସହଯୋଗ

ମକର: ଶତ୍ରୁଙ୍କ ପରିମାଣ ବଢ଼ିବ। ପରିବାରରେ ଅସହଯୋଗ ଓ ଅସନ୍ତୋଷ ଦେଖାଦେଇପାରେ। ସତ କଥା କହି ଅପ୍ରିୟ ହେବେ। ଆୟ ଓ ବ୍ୟୟ ସ୍ଥିର ରହିବ। ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳିବନାହିଁ।

କୁମ୍ଭ: ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ମଧ୍ୟ ରହିଛି। ନୂତନ ଦ୍ରବ୍ୟ ମାନ କ୍ରୟ କରିପାରନ୍ତି। ଘରେ ଶାନ୍ତି।

ମୀନ: ଶତ୍ରୁ ଉପରେ ବିଜୟ ହାସଲ କରିବେ। ଅର୍ଥ ଲାଭ ହୋଇପାରେ। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୩୧।୧୦।୨୦୨୬, କାର୍ତ୍ତିକ ଦ୧୫ନ, ଶନିବାର

ସୂର୍ଯ୍ୟୋଦୟ- ଘ ୫।୪୯।୨୦ ଚନ୍ଦ୍ରୋଦୟ- ରାଘ୧୦।୧୪।୨୮

ଷଷ୍ଠୀ ଦିଘ ୪।୫୯ ପର୍ଯ୍ୟନ୍ତ। ଆର୍ଦ୍ରା ନକ୍ଷତ୍ର ପ୍ରାଘ ୭।୧୪ ଗତେ ପୁନର୍ବସୁ ନକ୍ଷତ୍ର କ୍ଷୟ। ମିଥୁନ ଚନ୍ଦ୍ର ରାଘ ୧୨।୦୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। ରାଘ ୧୨।୦୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର। ରାଘ ୧୨।୦୩ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୪।୫୯ ଗତେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୨୪ ଗତେ ଦିଘ ୮।୪୨ ମଧ୍ୟେ। ଦିଘ ୧୧।୫୪ ଗତେ ଦିଘ ୧୨।୫୬ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ମାଇକ୍ରୋସଫ୍ଟରେ ଭଲ୍ୟୁଣ୍ଟାରୀ ଏକଜିଟ ଅଫର

ମାଇକ୍ରୋସଫ୍ଟ ପ୍ରାୟ ୬୦ ହଜାର କର୍ମଚାରୀଙ୍କୁ ନିଜ ଆଡୁ ଚାକିରି ଛାଡ଼ିବାକୁ 'ଭଲ୍ୟୁଣ୍ଟାରୀ ଏକଜିଟ ଅଫର' ଦେଇଛି । କମ୍ପାନି ଏହା ବଦଳରେ ଗ୍ରେଡ୍ ଅନୁସାରେ ଏକକାଳୀନ ବର୍ଷେ ପର୍ଯ୍ୟନ୍ତ ଦରମା ଦେବାକୁ ଘୋଷଣା କରିଛି। ଏହି ଦରମା ନେଇ ନିଜ ଆଡୁ ଚାକିରି ଛାଡ଼ିପାରିବେ କର୍ମଚାରୀ। ଏଥିରେ ଭାରତୀୟ ବି ସାମିଲ ଅଛନ୍ତି । କମ୍ପାନୀ ଏଆଇ ଏବଂ ସିଷ୍ଟମ ନିର୍ମାଣ ଖର୍ଚ୍ଚର ଭରଣା ପାଇଁ କର୍ମଚାରୀଙ୍କ ସଂଖ୍ୟା କମ୍ କରିବାକୁ ଯାଉଛି । କମ୍ପାନିରେ ମୋଟ ୨.୨୩ ଲକ୍ଷ କର୍ମଚାରୀ ଅଛନ୍ତି, ଯେଉଁଥିରୁ ୨୩ ହଜାର ଭାରତର। ମାଇକ୍ରୋସଫ୍ଟ ଭାରତ, ଆମେରିକା, କାନାଡା ଏବଂ ବ୍ରିଟେନରେ ଲେବଲ ୭୦ କିମ୍ବା ଏହାଠାରୁ କମ୍ ପଦରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏ ସ୍କିମ୍ ଆଣିଛି । ଏଥିମଧ୍ୟରୁ କେତେ ଜଣଙ୍କୁ ଅଫର ମିଳିବ, ତାହା ସ୍ପଷ୍ଟ ନାହିଁ । କମ୍ପାନି ପ୍ରକାଶ କରିଛି ଯେ, ଯୋଗ୍ୟ କର୍ମଚାରୀଙ୍କୁ ଇ-ମେଲ ପଠାଯିବ । ପ୍ରକାଶଯୋଗ୍ୟ, ମାଇକ୍ରୋସଫ୍ଟ ମେ' ଏବଂ ଜୁଲାଇ ୨୦୨୫ରେ ପାଖାପାଖି ୧୫ ହଜାର କର୍ମଚାରୀଙ୍କୁ ଚାକିରିରୁ ବାହାର କରିଥିଲା । ଏହା ପରେ ଜୁଲାଇ ୨୦୨୬ରେ ବି କମ୍ପାନି ପାଖାପାଖି ୪,୮୦୦ ପଦ ହଟାଇଥିଲା । ଅର୍ଥାତ ଏହି ୩ ଥରରେ ପାଖାପାଖି ୨୦ ହଜାର ଚାକିରି ପ୍ରଭାବିତ ହୋଇଥିଲା । ମାଇକ୍ରୋସଫ୍ଟରେ ପ୍ରାରମ୍ଭିକ ପଦ ଲେବଲ ୫୯ରୁ ଆରମ୍ଭ ହୋଇଥାଏ ଏବଂ ବରିଷ୍ଠ ପଦ ଲେବଲ ୭୦ ଉପରେ ରହିଥାଏ । ଏହା କମ୍ପାନିର ଜୁନିୟର, ମିଡ୍-ଲେବଲ ଏବଂ ସିନିୟର ସ୍ତରର କର୍ମଚାରୀଙ୍କ କ୍ୟାଡର ହୋଇଥାଏ । ଏଥିରେ ବରିଷ୍ଠ ନିର୍ଦ୍ଦେଶକ, ସଫ୍ଟୱେର ଇଞ୍ଜିନିୟର, ସିନିୟର ଇଞ୍ଜିନିୟର, ପ୍ରୋଜେକ୍ଟ ମ୍ୟାନେଜର, ଟିମ୍ ଲିଡର ଏବଂ ମିଡ୍-ଲେବଲ୍ ମ୍ୟାନେଜର ସାମିଲ । ଯେଉଁ କର୍ମଚାରୀ ଅଫର ନେବେ ନାହିଁ ସେମାନେ ନିଜର ବର୍ତ୍ତମାନର ଭୂମିକାରେ କାର୍ଯ୍ୟ କରିଚାଲିବେ କିମ୍ବା କମ୍ପାନି ସେମାନଙ୍କୁ କୌଣସି ଦ୍ୱିତୀୟ ପ୍ରକଳ୍ପ/ଟିମରେ ନିୟୋଜିତ କରିପାରେ । ଯଦି କମ୍ପାନି ଇଚ୍ଛାମୂଳକ ଅଫରରୁ ନିଜର ଖର୍ଚ୍ଚ କମାଇବାର ଲକ୍ଷ୍ୟ ପୂରଣ କରିପାରିବ ନାହିଁ ତେବେ ଆଗାମୀ ଦିନରେ ଏହା ବାଧ୍ୟତାମୂଳକ ଛଟେଇ କାର୍ଯ୍ୟାନୁଷ୍ଠାନ ଉଠାଇପାରେ । ଉକ୍ତ ସ୍ଥିତିରେ ଚାକିରି ଗଲେ କର୍ମଚାରୀଙ୍କୁ ଭଲ୍ୟୁଣ୍ଟାରୀ ଏକ୍ଜିଟ ଭଳି ଆକର୍ଷଣୀୟ ପ୍ୟାକେଜ୍ ମିଳି ନ ପାରେ। ଏହି ପରିପ୍ରେକ୍ଷୀରେ, ମାଇକ୍ରୋସଫ୍ଟର କାର୍ଯ୍ୟନିର୍ବାହୀ ଉପ-ସଭାପତି ଏମି କୋଲମ୍ୟାନ କହିଛନ୍ତି ଯେ, ମାଇକ୍ରୋସଫ୍ଟ କର୍ମଚାରୀମାନଙ୍କୁ ନୂଆ ଶିଖିବା ଏବଂ କମ୍ପାନି ଭିତରେ କ୍ୟାରିୟରର ଦ୍ୱିତୀୟ ଅବସର ଖୋଜିବାରେ ସହାୟତା ଜାରି ରଖିବ।

ପିଢ଼ିମାନଙ୍କର ସହଯାତ୍ରା–ହାତୀପଲରୁ ଶିକ୍ଷା

ଅଶୋକ ବିଶ୍ୱାଳ
(ପୂର୍ବତନ ପିସିସିଏଫ, ଏଜିଏମ୍ୟୁଟି)

ଜଙ୍ଗଲରେ ହାତୀପଲକୁ ଦେଖିଲେ ଆମ ଆଖି ସାଧାରଣତଃ ସେମାନଙ୍କର ବିଶାଳ ଆକାର, ଅମାପ ଶକ୍ତି ତଥା ଅମାନିଆ ଚାଲି ଉପରେ ଅଟକିଯାଏ । ରାସ୍ତାର ବାଧାବିଘ୍ନ ସେମାନଙ୍କୁ ଅଟକାଇ ପାରୁନାହିଁ, ସମସ୍ତେ କିଂକର୍ତ୍ତବ୍ୟମୂଢ଼ ହୋଇ ଦେଖଣାହାରୀ ପାଲଟିଛନ୍ତି । କିନ୍ତୁ ହାତୀପଲର ସାମାଜିକ ଜୀବନକୁ ଆଉ ଟିକେ ଧ୍ୟାନରେ ଦେଖିଲେ ଏକ ମୌଳିକ ସତ୍ୟ ମିଳିଥାଏ ଯାହା ହେଉଛି, "ଅଭିଜ୍ଞତାର ମୂଲ୍ୟ ।''

ହାତୀପଲରେ ବିଭିନ୍ନ ବୟସର ସଦସ୍ୟମାନେ ରହିଥାନ୍ତି । ବୟସ୍କ ହାତୀମାନଙ୍କ ପାଖରେ ମଣିଷ ପରି ସ୍ମରଣ ଶକ୍ତି, ଅନୁଭବ ଓ ପରିବେଶ ସଂପର୍କରେ ଜ୍ଞାନଥାଏ। ସେହି ଅଭିଜ୍ଞତା ଅନେକ ସମୟରେ ସମଗ୍ର ପଲକୁ ସଠିକ ମାର୍ଗଦର୍ଶନ କରାଏ । ହାତୀପଲର ଗତିବିଧିକୁ ନିରୀକ୍ଷଣ କଲେ ଦେଖାଯାଏ ଯେ ବୟସ୍କ ମାଈ ହାତୀମାନେ ଦଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ ଜଳର ଉତ୍ସ, ଖାଦ୍ୟ ମିଳୁଥିବା ସ୍ଥାନ, ପୁରୁଣା ଚଳାଚଳ ପଥ ଏବଂ ବିପଦପୂର୍ଣ୍ଣ ଅଞ୍ଚଳ ବିଷୟରେ ଆଗରୁ ଜାଣିଛନ୍ତି। ଦଳରେ ଏକ ଯୁବା ହାତୀ ଯେଉଁ ଅଞ୍ଚଳକୁ ପ୍ରଥମଥର ପାଇଁ ଦେଖୁଛି, ସେହି ସ୍ଥାନକୁ ଜଣେ ବୟସ୍କ ହାତୀ ବହୁ ବର୍ଷ ଧରି ଜାଣିଛି । ତେଣୁ ଦୂର ଯାତ୍ରା କରୁଥିବା ଏକ ହାତୀ ଦଳ ପାଇଁ ଅଭିଜ୍ଞତା ଅତି ଆବଶ୍ୟକୀୟ ହୋଇଥାଏ । ଆଉ ସେହି ଜ୍ଞାନ ଜଙ୍ଗଲରେ ତଥା ହାତୀର ଲମ୍ବା ଚଲାରେ ଜୀବନ ଓ ମୃତ୍ୟୁ ମଧ୍ୟରେ ତାରତମ୍ୟ ଆଣେ।

ଉଦାହରଣରେ, ଗ୍ରୀଷ୍ମ ଦିନରେ ଏକ ହାତୀଦଳ ଜଙ୍ଗଲ ମଧ୍ୟରେ ଚାଲୁଛନ୍ତି । ଛୋଟ ହାତୀମାନେ ଶୋଷିଲା ଅଛନ୍ତି । ପାଣି କେଉଁଠି ଦିଶୁନି। ଯୁବ ହାତୀମାନେ ହୁଏତ ପାଣି ସନ୍ଧାନରେ ଆଗକୁ ଯିବାକୁ ଚାହୁଁଥିବେ। କିନ୍ତୁ ପଲର ଜଣେ ବୟସ୍କ ମାଈ ହାତୀ ଏକ ନିର୍ଦ୍ଦିଷ୍ଟ ଦିଗକୁ ମୁହଁ କରୁଛି । ଆଉ କିଛି ସମୟ ଚାଲିଲା ପରେ ଶୁଖିଲା ନଦୀର ଶେଜରେ ଏକ ସାମାନ୍ୟ ଓଦାଳିଆ ବାଲିରେ ପହଞ୍ଚୁଛି। ସେଠାରେ ମାଟି ତଳେ ପାଣି ମିଳୁଥିବା କଥା ତା'ର ମନେ ଅଛି । ସେଇଠି ଶୁଣ୍ଢ ଓ ପାଦ ଦ୍ୱାରା ମାଟି ଖୋଳିଲେ ତଳୁ ପାଣି ବାହାରିପାରେ। ଯୁବ ହାତୀମାନଙ୍କ ପାଇଁ ସେହି ସ୍ଥାନଟି ସଂପୂର୍ଣ୍ଣ ଅଜଣା କିନ୍ତୁ ବୟସ୍କ ହାତୀ ପାଇଁ ଏହା ହେଉଛି "ସ୍ମୃତିର ଏକ ମାନଚିତ୍ର'। ସେହି ଅଭିଜ୍ଞତାର ଫଳରେ ହାତୀଦଳ ବିପଦରୁ ରକ୍ଷା ପାଇଯାଉଛନ୍ତି । ଏହି ଦୃଶ୍ୟପଟ ମନୁଷ୍ୟ ସମାଜ ପାଇଁ ମଧ୍ୟ ଅତି ପ୍ରଜୁଜ୍ୟ । ଆଜିର ଆଧୁନିକ ଯୁଗରେ ଆମେ ବିଜ୍ଞାନର ନୂଆ ଉଦ୍ଭାବନ, ସାମାଜିକ ବିଚାରର ନୂଆ ରେଖାଙ୍କନ, ଅର୍ଥନୈତିକ ପ୍ରଗତିର ତରଙ୍ଗାୟିତ ପଟ୍ଟଚିତ୍ରକୁ ବହୁ ଶୀଘ୍ର ଗ୍ରହଣ କରୁଛୁ। ନୂଆ ପ୍ରଯୁକ୍ତି ବିଦ୍ୟା, ନୂଆ ଧାରଣାମାନ, ନୂଆ ତଥ୍ୟସବୁ, ନୂଆ ପ୍ରଣାଳୀର ଖସଡ଼ା-ସବୁକିଛି ମନକୁ ସହଜରେ ଆକର୍ଷିତ କରୁଛି। କିନ୍ତୁ ନୂଆ ଜ୍ଞାନାଲୋକରେ ଆଢୁଆଳରେ ପୁରୁଣା ଅଭିଜ୍ଞତାକୁ ସଂପୂର୍ଣ୍ଣ ଅଣଦେଖା କରିବା ମୋଟେ ବୁଦ୍ଧିମାନର କାମ ନୁହେଁ । ନୂଆ ଜ୍ଞାନରୁ ତିଆରି ମାର୍ଗ ଆମକୁ ଦ୍ରୁତ ଗତି ଦେଇପାରେ, କିନ୍ତୁ ପୁରୁଣା ଅନୁଭବ ଆମକୁ ଏକ ଅସହାୟ ପରିସ୍ଥିତିରୁ ରକ୍ଷା ମଧ୍ୟ କରିପାରେ।

ଉଦାହରଣରେ ଏକ ବନାଞ୍ଚଳରେ ତିରିଶ ବର୍ଷ ଧରି କାମ କରୁଥିବା ଜଣେ ବନରକ୍ଷୀଙ୍କ କଥା ଧରନ୍ତୁ। ତାଙ୍କ ପାଖରେ ହୁଏତ ଆଧୁନିକ GIS ଉପଯୋଗ କରୁଥିବା ଯନ୍ତ୍ର ନାହିଁ, ଅତ୍ୟାଧୁନିକ ଡିଜିଟାଲ ମାନଚିତ୍ର ନଥାଇପାରେ। କିନ୍ତୁ ସେ ଜାଣନ୍ତି, କେଉଁ ନାଳରେ ବର୍ଷାର ପ୍ରଥମ ପାଣି ଆସେ, କେଉଁ ପାହାଡ଼ର ଆଢୁଆଳରେ ନିଦାଘ ଗ୍ରୀଷ୍ମରେ ମଧ୍ୟ ଆର୍ଦ୍ରତା ରହେ, କେଉଁ ରାସ୍ତା ଦେଇ ହାତୀମାନେ ଯିବା ଆସିବା କରନ୍ତି ବା କେଉଁ ଗଛର ଫଳ ନିର୍ଦ୍ଦିଷ୍ଟ ଋତୁରେ ପାଚିଥାଏ । ଏହି ଜ୍ଞାନ କୌଣସି ପୁସ୍ତକରୁ ଆସିନାହିଁ। ଏହା ଆସିଛି ବର୍ଷ ବର୍ଷର ଦେଖିବା, ଶୁଣିବା, ଭୁଲ କରିବା ଓ ଶିଖିବାରୁ । ଏହିପରି ଅଭିଜ୍ଞତା ଅମୂଲ୍ୟ।

ଜଣେ ଯୁବ ଅଧିକାରୀ ଯଦି ତାଙ୍କୁ କହନ୍ତି-'ଆପଣ ପୁରୁଣାକାଳିଆ ଲୋକ, ଏବେ ସବୁକିଛି ଟେକ୍ନୋଲୋଜିରେ ସମ୍ଭବ ହେଉଛି ।' ତେବେ ଯୁବ ଅଧିକାରୀ ଜ୍ଞାନର ଏକ ମୂଲ୍ୟବାନ ଭଣ୍ଡାରକୁ ହରାଇପାରନ୍ତି। କିନ୍ତୁ ସେହି ଅଧିକାରୀ ନିଜ କଥାକୁ ସାମାନ୍ୟ ପରିବର୍ତ୍ତନ କରି ଯଦି କୁହନ୍ତି, "ଆପଣ ତ ଏହି ଜଙ୍ଗଲକୁ ଏତେ ବର୍ଷ ଧରି ଦେଖିଛନ୍ତି। ମୋତେ କହନ୍ତୁ, ଏହି ଅଞ୍ଚଳରେ ଆଉ କ'ଣ ଧ୍ୟାନ ଦେବା ଦରକାର?' ତେବେ ଦୁଇ ପିଢ଼ିର ଜ୍ଞାନ ଏକାଠି ହୋଇଯାଏ। ଯୁବକଙ୍କ ପାଖରେ ଥାଏ ନୂଆ ପ୍ରଯୁକ୍ତି ବିଦ୍ୟା, ବିଜ୍ଞାନର ତଥ୍ୟ ଆଉ ବୟସ୍କଙ୍କ ପାଖରେ ଥାଏ ଅନୁଭବ। ଏହି ଦୁଇଟିର ମିଶ୍ରଣରେ ସଫଳତାର ସମ୍ଭାବନା ବଢ଼ିଯାଏ।

ଏହି ପ୍ରସଙ୍ଗକୁ ଏକ ସାଧାରଣ ପରିବାରର ପରିସରକୁ ଅଣାଯାଇପାରେ। ପରିବାରରେ ଯୁବ ପିଢ଼ି ଟେକ୍ନୋଲୋଜି, ବିଜ୍ଞାନ ଓ ନୂଆ ଚିନ୍ତାଧାରାରେ ଅଧିକ ସକ୍ଷମ ହୋଇଛନ୍ତି । ସେମାନେ ଦୁନିଆକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଟେକ୍ନୋଲୋଜିରେ ସବୁ କିଛି ଆଖି ପିଛୁଳାକେ ସମ୍ଭବ ହେଉଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ପୂର୍ବ ପିଢ଼ିର ଜ୍ଞାନ ଅପ୍ରୟୋଜନୀୟ ହୋଇଗଲା । ମନେକରନ୍ତୁ ମହାବାତ୍ୟା ପରି ଏକ ପ୍ରାକୃତିକ ବିପର୍ଯ୍ୟୟ ଆସିଲା ଆଉ ଇଣ୍ଟରନେଟ ତଥା ଅନ୍ୟ ଯୋଗାଯୋଗ ପ୍ରଣାଳୀ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା, ବିଦ୍ୟୁତ ସରବରାହ ବ୍ୟାହତ ହେଲା ଏବଂ ଜୀବନମରଣ ପରିସ୍ଥିତି ସୃଷ୍ଟି ହେଲା । ସେହିପରି କଠିନ ପରିସ୍ଥିତିରେ କିପରି ଧୈର୍ଯ୍ୟ ରଖିବାକୁ ହୁଏ, କିପରି ଅସୁବିଧାରେ ପରିବାରକୁ ସାନ୍ତ୍ୱନା ଦିଆଯାଇପାରେ, କିପରି ଚେଷ୍ଟାରେ ସଫଳତା ପାଇଁ ପ୍ରୟାସ କରାଯାଇପାରେ ଇତ୍ୟାଦି ପ୍ରଶ୍ନର ଉତ୍ତର ହୁଏତ ଘରର ଜଣେ ବୟସ୍କଙ୍କ ପାଖରେ ରହିଛି।

ଆଉ ସେହି ନିର୍ଦ୍ଦିଷ୍ଟ ଉତ୍ତର ଇଣ୍ଟରନେଟରେ ଖୋଜିଲେ ମିଳିବ ନାହିଁ। ଅତି ବିପରୀତ ପରିସ୍ଥିତିରେ Google ମଧ୍ୟ ଖୋଲିବ ନାହିଁ । ତେଣୁ ବୟସ୍କଙ୍କୁ ସମ୍ମାନ କରିବା ଅର୍ଥ ବୟସ ସହ ଅଭିଜ୍ଞତାକୁ ମଧ୍ୟ ସମ୍ମାନ କରାଯାଉଅଛି । ଏଠାରେ କିଛି ସାବଧାନତା ମଧ୍ୟ ଗ୍ରହଣ କରିବାର ଅଛି । ବୟସ ଅଧିକ ହେଲେ ସମସ୍ତ ମତ ମଧ୍ୟ ଠିକ ନ ହୋଇପାରେ। ପୁରୁଣା ପିଢ଼ିର ପ୍ରତ୍ୟେକ ଧାରଣା ମଧ୍ୟ ଅପରିବର୍ତ୍ତନୀୟ ସତ୍ୟ ନୁହେଁ। ନିଶ୍ଚିତ ଭାବରେ ଅଭିଜ୍ଞତା ମୂଲ୍ୟବାନ, କିନ୍ତୁ ତାହାକୁ ପରୀକ୍ଷା କରି ତଥ୍ୟ ଓ ନୂଆ ଜ୍ଞାନ ସହିତ ଯୋଡ଼ିବା ହେଉଛି ବିଚାରର ନିପୁଣତା । ଯଦି କେବଳ ପୁରୁଣା ଅଭିଜ୍ଞତାକୁ ସମାଜ ଧରି ରଖେ, ତେବେ ସମୟର ଗତି ସହ ତାଳ ମିଳେ ନାହିଁ। ଫଳରେ ଏକ ସ୍ଥାଣୁତା ଆସିଯାଏ । ତେଣୁ, ସମାଜ ପାଇଁ ପ୍ରକୃତ ବୁଦ୍ଧିମତ୍ତା ହେଉଛି ଅନୁଭବ ଓ ନବୀନତାର ସମନ୍ୱୟ। ଆଉ ଏକ ଦୃଶ୍ୟ କଳ୍ପନା କରାଯାଉ। ଜଳସମ୍ପଦ ବିଭାଗର ଜଣେ ଆଞ୍ଚଳିକ ଅଧିକାରୀ ଏକ ଜଳବିଭାଜିକା ପ୍ରକଳ୍ପର ଯୋଜନା କରୁଛନ୍ତି। ତାଙ୍କ ଟିମରେ କିଛି ଯୁବ ଅଧିକାରୀ ଓ ଜଣେ ଅବସରପ୍ରାପ୍ତ କିନ୍ତୁ ଦଶକ ଦଶକ ଧରି ସେହି ଅଞ୍ଚଳକୁ ଦେଖିଥିବା ଅଭିଜ୍ଞ ଅଧିକାରୀ ଅଛନ୍ତି। ଯୁବ ଅଧିକାରୀମାନେ ଉପଗ୍ରହ ଚିତ୍ର, ତଥ୍ୟ ଓ ନୂଆ କମ୍ପ୍ୟୁଟର ମଡେଲ ଦେଖାନ୍ତି। କିନ୍ତୁ ବୟସ୍କ ଅଧିକାରୀ ନୀରବରେ ସବୁ ଶୁଣୁଥାନ୍ତି। ପରେ ସେ କୁହନ୍ତି, "ମାନଚିତ୍ରରେ ଏହି ଅଞ୍ଚଳଟି ଆଜି ଖାଲି ଦେଖାଯାଉଛି। କିନ୍ତୁ ବର୍ଷାର ତିନି ମାସରେ ଏଠାରେ ପାଣି ଜମିରହେ। ପଚିଶ ବର୍ଷ ପୂର୍ବେ ମଧ୍ୟ ଏହି ସ୍ଥାନରେ ହାତୀପଲ ଦେଖାଯାଇଥିଲା।'' ଯୁବ ଅଧିକାରୀମାନେ ପୁଣି ସେହି ସୂଚନାକୁ ବିଜ୍ଞାନର ଛାଡିଯାଇଥିବା ତଥ୍ୟ ସହିତ ଯାଞ୍ଚ କରୁଛନ୍ତି ଆଉ ଏକ ନୂଆ ବ୍ୟାବହାରିକ ଚିତ୍ର ଟେବୁଲକୁ ଆଣୁଛନ୍ତି । ଫଳରେ ପ୍ରକଳ୍ପ ପାଇଁ ଏକ ଉତ୍କୃଷ୍ଟ ଦସ୍ତାବିଜ ତିଆରିହୋଇପାରୁଛି।

ତେଣୁ ଅଭିଜ୍ଞତା ହେଉଛି ପିଢ଼ି ଆଉ ପିଢି ମଧ୍ୟରେ ଜ୍ଞାନର ସେତୁ। ଆମ ସମାଜର ପାରମ୍ପରିକ ଜ୍ଞାନ ମଧ୍ୟ ଏହିପରି। ଗ୍ରାମର ବୃଦ୍ଧ ଲୋକମାନେ ଜାଣନ୍ତି କେଉଁ ଗଛରେ କେଉଁ ଋତୁରେ ଫୁଲ ଫଳ ହୁଏ, କେଉଁ ପୋଖରୀ କେବେ ଶୁଖିଯାଏ, କେଉଁ ପକ୍ଷୀର ଆସିବାରେ ପାଣିପାଗ ପରିବର୍ତ୍ତନର ସଙ୍କେତ ମିଳେ। ସବୁ ନିଷ୍କର୍ଷକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯାଞ୍ଚ କରିବା ପ୍ରତି କ୍ଷେତ୍ରରେ ସମ୍ଭବପର ହୁଏନାହିଁ। ସେତେବେଳେ ପୁରାତନ ଜ୍ଞାନକୁ ଶୁଣିବା, ଲିପିବଦ୍ଧ କରିବା ଓ ଯେଉଁଠାରେ ଉପଯୋଗୀ ସେଠାରେ ବୈଜ୍ଞାନିକ ଭାବେ ପରୀକ୍ଷା କରି କାର୍ଯ୍ୟରେ ପରିଣତ କରିବା ସମାଜ ପାଇଁ ଅତି ଆବଶ୍ୟକ ହୋଇଯାଏ।

ତେଣୁ, ହାତୀପଲର ଲମ୍ବା ଯାତ୍ରାର ସଙ୍କଟ ସମୟରେ, ବୟସ୍କ ହାତୀର ଅଭିଜ୍ଞତା ଏକ ପଦ୍ମ ଫୁଲ ପରି ଜୀବନ ଜଳରେ ଫୁଟିଉଠେ। ଆଉ ବିପରୀତ ପରିସ୍ଥିତିରେ ହାତୀମାନଙ୍କ ତିଷ୍ଠି ରହିବାର ସମ୍ଭାବନାକୁ ବଢାଇଥାଏ । ସେହିପରି ମଣିଷ ସମାଜରେ ଯଦିଓ ଯୁବକମାନେ ଶକ୍ତିରେ ଦୁନିଆକୁ ଆଗକୁ ନିଅନ୍ତି ଆଉ ନୂଆ ଅନୁଭବ ଆଣନ୍ତି; ତଥାପି ବୟସ୍କମାନେ ନିଜର ଅଭିଜ୍ଞତାରୁ ବିପଦରୁ ମୁକୁଳିବାର ଉପାୟମାନ ବତାଇ ଜୀବନକୁ ସ୍ଥିର କରିଥାନ୍ତି । ତେଣୁ କୁହଯାଇପାରେ, ଜୀବନ ନଉକାରେ ଯୁବା ବଳ ଦିଏ କିନ୍ତୁ ବୃଦ୍ଧ ମଙ୍ଗ ଦିଅନ୍ତି ।

ତେଣୁ ସମାଜ ପାଇଁ ଆବଶ୍ୟକ ହେଉଛି "ପିଢ଼ିମାନଙ୍କର ସହଯାତ୍ରା।' ଆଜିର ମଣିଷ ସମାଜରେ ଯୁବକମାନେ ବୃଦ୍ଧମାନଙ୍କୁ ଅପ୍ରୟୋଜନୀୟ ଭାବିବା ଏକ ଚିନ୍ତାଜନକପ୍ରବୃତ୍ତି କୁହାଯାଇପାରିବ। ଚାକିରିରୁ ଅବସର ନେବା ଓ ଜ୍ଞାନରୁ ଅବସର ନେବା ଏକ କଥା ନୁହେଁ। ଜଣେ ବ୍ୟକ୍ତି ତାଙ୍କ ପଦବୀରୁ ଅବସର ନେଇପାରନ୍ତି। କିନ୍ତୁ ତାଙ୍କ ଅଭିଜ୍ଞତାରୁ ସମାଜ ଅବସର ନେବା ଉଚିତ ନୁହେଁ। ଏକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନୂଆ ଶିକ୍ଷକମାନଙ୍କୁ ପଢ଼ାଇବାର କଳା ଶିଖାଇପାରନ୍ତି। ଜଣେ ଅବସରପ୍ରାପ୍ତ ଡାକ୍ତର ନୂଆ ଡାକ୍ତରଙ୍କୁ ରୋଗୀ ସହିତ କିପରି କଥାହେବାକୁ ହୁଏ ବତାଇପାରନ୍ତି। ଜଣେ ବୟସ୍କ କୃଷକ ଯୁବ କୃଷକଙ୍କୁ ମାଟିର ଭାଷା କହିପାରନ୍ତି । ଜଣେ ବରିଷ୍ଠ ବନ କର୍ମଚାରୀ ନୂଆ ପିଢ଼ିକୁ ଜଙ୍ଗଲର ଅଲିଖିତ ନିୟମ ଜଣାଇପାରନ୍ତି। ଏହାକୁ ଆମେ "Mentorship''ବୋଲି କହିପାରିବା। ଏହା କେବଳ ପ୍ରଶିକ୍ଷଣ ନୁହେଁ। ଏହା ହେଉଛି ଗୋଟିଏ ପିଢ଼ିର ଅଭିଜ୍ଞତାକୁ ଜ୍ଞାନରେ ପରିଣତ କରି ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରିବା।

ତେଣୁ, ହାତୀପଲର ଜୀବନରୁ ଆମେ ଏକ ଅତି ଉପାଦେୟ ନୀତି ଶିଖିପାରୁ, "ଜଣେ ଅନୁଭବୀ ସବୁକିଛି ନ ଦେଖିଥାଇପାରେ । କିନ୍ତୁ ସେ ବହୁ କିଛି ଦେଖିଛି । ଆଉ ସେଇ ଅଧିକ ଦେଖିବା ସଫଳତାର ଏକ ସୁଗମ ପଥ ହୋଇପାରେ ।' ସେହି ଅନୁଭବକୁ ଶୁଣି ତର୍ଜମା କରିବା ଦରକାର। ଯୁବ ପିଢ଼ି ମଧ୍ୟ ଏହା ବୁଝିବା ଦରକାର ଯେ ବୟସ୍କଙ୍କୁ ସମ୍ମାନ କରିବା ଅର୍ଥ ନିଜର ସ୍ୱାଧୀନ ଭାବନାକୁ ତ୍ୟାଗକରିବା ନୁହେଁ, ଏହା ହେଉଛି ନିଜ ଆବେଗଭରା ଭାବନାର ସଠିକ ବିଶ୍ଳେଷଣ। ଏକ ବୈଠକରେ ପ୍ରଶ୍ନ କରାଯାଉ, ତର୍କ କରାଯାଉ, ନୂଆ ଭାବନା ଆସୁଥାଉ; କିନ୍ତୁ ପ୍ରଥମେ ଶୁଣାଯାଉ। ଶେଷରେ ଜଙ୍ଗଲର ସେହି ଦୃଶ୍ୟକୁ ପୁଣି ମନେ ପକାଇବା। ଏକ ହାତୀପଲ ଧୀରେ ଧୀରେ ଆଗକୁ ଯାଉଛି । ଦଳରେ ଶକ୍ତିଶାଳୀ ଯୁବ ହାତୀମାନେ ତଥା କ୍ରୀଡାପ୍ରିୟ ଛୋଟ ହାତୀମାନେ ଅଛନ୍ତି । ସେମାନେ ଚଲାପଥକୁ ଆଗରୁ ଜାଣିନାହାନ୍ତି । ଏକ ବୟସ୍କ ହାତୀ ସେମାନଙ୍କୁ ନିରାପଦ ଦିଗ ଦେଉଛି। ସେ ଜାଣିଛି କେଉଁଠାରେ ପାଣି ମିଳିପାରେ, ଆଉ କେଉଁ ସ୍ଥାନରେ ବିପଦ ଲୁକ୍କାୟିତ ଥିବ। ହାତୀ ପଲ ଏକ ବୟସ୍କ ହାତୀକୁ ତାହାର ଅଭିଜ୍ଞତା ପାଇଁ ଅନୁସରଣ କରୁଛି। ତେଣୁ, ମଣିଷ ସମାଜ ଯଦି ନୂଆ ପିଢ଼ିର ଶକ୍ତି ଓ ପୁରୁଣା ପିଢ଼ିର ଜ୍ଞାନକୁ ମିଳିତ କରିପାରେ, ତେବେ ଆମର ଭବିଷ୍ୟତ ଯାତ୍ରା ଅଧିକ ସୁରକ୍ଷିତ, ସନ୍ତୁଳିତ ତଥା ସଫଳ ହୋଇପାରିବ। ହାତୀପଲର ଦର୍ଶନ ଶେଷରେ ଆମକୁ କହେ, "ବୟସ୍କଙ୍କୁ ସମ୍ମାନ କର, କେବଳ ବୟସ ଦୃଷ୍ଟିରୁ ନୁହେଁ; ପରନ୍ତୁ ସେହି ବୟସ ଯେଉଁ ଅଭିଜ୍ଞତା, ସ୍ମୃତି ଓ ଜ୍ଞାନ ସଂଗ୍ରହ କରିଛି, ସେହି ଦୃଷ୍ଟିରୁ।'

ଫୁଲତୋଡ଼ାର ଦୁଃଖ

ମୃଣାଳମନ୍ତ୍ର

ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ସଭା ସମିତିରେ ମଞ୍ଚ ମଣ୍ଡନ କରୁଥିବା ଜ୍ଞାନୀ-ଗୁଣୀ (ଯିଏ ସଭାରେ ମଞ୍ଚ ମଣ୍ଡନ କରେ ସେ ଅଟୋମେଟିକାଲି ଜ୍ଞାନୀ-ଗୁଣୀ ହୋଇଯାଏ; ଭାରତବର୍ଷରେ ଅନ୍ତତଃ ଏହାହିଁ ନିୟମ) ଜନଙ୍କୁ ଫୁଲତୋଡ଼ା (ସଭାର ଘୋଷକ କହନ୍ତି – ପୁଷ୍ପଗୁଚ୍ଛ) ଦେଇ ସ୍ୱାଗତ କରାଯାଏ। କଚେରୀରେ ନୂଆ ହାକିମ କି ଅଫିସରେ ନୂଆ ଅଫିସର ଆସିଲେ, ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବାର ବିଧି ବହୁ ପ୍ରାଚୀନ । ମନ୍ତ୍ରୀ ହାକିମଙ୍କ ଜନ୍ମଦିନରେ, ବିବାହ ବାର୍ଷିକୀରେ ଏବଂ ଅନ୍ୟାନ୍ୟ ଖୁସି ଦିନରେ ଅଧସ୍ତନ କର୍ମଚାରୀ ଏବଂ ସେମାନଙ୍କୁ ଖୁସି ରହିବାପାଇଁ ଚାହୁଁଥିବା ଲୋକେ ସେମାନଙ୍କୁ ଫୁଲତୋଡ଼ା ଦିଅନ୍ତି । କାହାକୁ ସମ୍ବର୍ଦ୍ଧନା ଦେବାପାଇଁ ଫୁଲତୋଡ଼ା, ବିବାହ ଆଦି ଶୁଭ କର୍ମରେ ଶୁଭାଶିଷ ଜଣାଇବା ପାଇଁ ଫୁଲତୋଡ଼ା ପୁଣି କାହାର ଶବରେ ଶ୍ରଦ୍ଧାଞ୍ଜଳି ଜଣେଇବା ପାଇଁ ବି ଫୁଲତୋଡ଼ା ଓ ଫୁଲମାଳ। ଏମନ୍ତେ ବହୁ କ୍ଷେତ୍ରରେ ଏବଂ ଆନୁଷ୍ଠାନିକ ଓ ଅଣ-ଆନୁଷ୍ଠାନିକ ଅବସରରେ ଫୁଲତୋଡ଼ା ଦିଆଯାଏ ।

କେବଳ ଶବ ଆଉ ବିଦାୟ ସମ୍ବର୍ଦ୍ଧନା ନେଉଥିବା କର୍ମଚାରୀ ଛଡ଼ା ଅନ୍ୟ ସମସ୍ତେ ଫୁଲତୋଡ଼ାକୁ ସ୍ମିତ ହାସ୍ୟ ସହ ଗ୍ରହଣ କରନ୍ତି; ଏବଂ ଦଶରେ ଆଠଜଣ ତାକୁ ଭୁଲି ଯାଆନ୍ତି । ମନେ ରଖୁଥିବା ଦଶରେ ଦୁଇ ଜଣଙ୍କ ଭିତରୁ ଜଣେ ହେଲେ କବି ସାହିତ୍ୟିକ ଜାତୀୟ ଲୋକ। ସେମାନେ ଫୁଲ ଭଲ ପାଆନ୍ତି ବୋଲି କହିବାକୁ ଭଲ ପାଆନ୍ତି, ଏବଂ ଭଲ ପାଆନ୍ତି ବୋଲି ଦେଖାଇବାପାଇଁ ଫୁଲତୋଡ଼ାଟିକୁ ଛାତିରେ ଜାକି ଧରିଥାନ୍ତି । ଆଉ ଜଣେ ହେଲେ ମୋ ଭଳି ପତ୍ନୀ-ପୀଡିତ ସ୍ୱାମୀ । ସେମାନେ ଫୁଲତୋଡ଼ା ଧରି ଘରକୁ ଯାଇ ପତ୍ନୀଙ୍କୁ ଦିଅନ୍ତି । କାଳେ ତାଙ୍କର ମୁଡ ଟିକେ ଭଲ ହେବ !

ବାକି ଦଶରେ ଆଠ ଜଣଙ୍କ କେସରେ ଫୁଲତୋଡ଼ାଟି ତୁରନ୍ତ ଅଲୋଡ଼ା ହୋଇଯାଏ । କେଉଁଠି ଯାଏ, କେଉଁଠି ପଡ଼ିରହେ ସେ ଖବର ସେମାନେ ରଖନ୍ତି ନାହିଁ । ଖୁବ କମ ସମୟ ଭିତରେ ଫୁଲତୋଡ଼ାଟି 'ଅଳିଆ'ରେ ପରିଣତ ହୁଏ ଆଉ ଅଳିଆ ଗଦାରେ ଫୋପଡ଼ା ହୁଏ ।

କିଛି ଫୁଲକୁ ଏକାଠି କରି ତାକୁ 'ତୋଡ଼ା' କରିବାରେ ମେହନତ କମ ନୁହେଁ । 'ତୋଡ଼ା' ପାଇଁ ବିଶେଷ କିଛି ପ୍ରକାରର ଫୁଲ ଆସେ । ସେଥିରେ ନଡ଼ିଆ ବାହୁଙ୍ଗିରୁ ଚଞ୍ଚ। ଖଡ଼ିକା କାଠି ଲାଗେ, ସେଥିରେ ପୁଣି ଚିକମିକ ରଙ୍ଗ ବୋଳା ହୋଇଥାଏ, ସେଲୋ-ଟେପରେ ବନ୍ଧା ହୋଇଥାଏ, କିଛି ସୌନ୍ଦର୍ଯ୍ୟ-ବର୍ଦ୍ଧକ ପତ୍ର ଯୋଡ଼ା ହୋଇଥାଏ, ତା'ପରେ ରଙ୍ଗୀନ ସେଲଫିନ କାଗଜରେ ଗୁଡା ହୋଇଥାଏ। ଏତେ ମେହନତରେ ତିଆରି ଫୁଲତୋଡ଼ା, ନିଜ ସୌନ୍ଦର୍ଯ୍ୟରେ ଗର୍ବ କରିବା ସ୍ୱାଭାବିକ। ଫୁଲ ଦୋକାନୀ ପୁଣି ତାକୁ କାଚ କାଉଣ୍ଟରରେ ଅତି ଯତ୍ନରେ ରଖେ। ପ୍ରତି ଅଧଘଣ୍ଟାରେ ତା ଉପରେ ଥଣ୍ଡା ପାଣି ସ୍ପ୍ରେ କରାଯାଏ। ଦାମିକିଆ ଗାଡ଼ିରେ ଏସିରେ ବସି ଫୁଲତୋଡ଼ା ସଭାସ୍ଥଳରେ ପହଞ୍ଚେ । ତାକୁ ଦେଲାବେଳେ କେତେ ଫଟୋ ଉଠେ। ଫୁଲତୋଡ଼ା ଭାବେ ଏସବୁ ଆୟୋଜନ ତା'ପାଇଁ । ଗର୍ବରେ ତା ଛାତି ଫୁଲିଉଠେ । ଆଉ କିଛି ସମୟ ପରେ ତାକୁ ଯେମିତି ଅଯତ୍ନରେ ଅଳିଆ ଗଦାରେ ଫୋପଡ଼ା ହୁଏ – ବୁଲା ଗାଈ ତାକୁ ଖାଇବାକୁ ଚାଲିଆସେ, କୁକୁର ମୁତି ଦିଏ – ସେଥିରେ ମନଦୁଃଖରେ ସେ ମରିଯାଏ। ଲୋକେ ଭାବନ୍ତି – ତାଜା ଫୁଲତୋଡାଟା ଏତେ ଶୀଘ୍ର କେମିତି ଶୁଖିଗଲା !

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମୁଁ କହୁଛି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସମସ୍ତେ କହନ୍ତି ମୁଁ କହୁଛି, ମୁଁ କହୁଛି ଆରେ ମୁଁ କିଏ ? ତୁମେ ଚିହ୍ନିଲଣି, ମୁଁ କହିବା ପୂର୍ବରୁ ଥରୁଟିଏ ଚିନ୍ତା କରିଛି କି । ମୁଁ କଣ କହୁଛି । ତେଣୁ ହେ ଭକ୍ତ , ହେ ଶିଷ୍ୟ, ଏହି ମୁଁ ହିଁ ତୁମର ସର୍ବନାଶର କାରଣ ହୋଇଥାଏ । ଯେତେବେଳେ ମୁଁ ମୁଁ ହୋଇ ଅନ୍ୟକୁ କହୁଥାଅ ସେତେବେଳେ ମୁଁ ହିଁ ତୁମର ଅଂହକାର ହୋଇ ତୁମରି ସର୍ବନାଶର କାରଣ ହୋଇଥାଏ । ତେଣୁ ଏହି ମୁଁର ଅର୍ଥ ହେଉଛି ମ-ମହେଶ୍ୱର-ଅନନ୍ତ, ଅଚ୍ୟୁତ ଅବ୍ୟକ୍ତ,ଉକାର-ଚତୁର୍ମୁଖ ବ୍ରହ୍ମା, ଅର୍ଦ୍ଧ ମାତା-ଆଦିଶକ୍ତି ବିନ୍ଦୁ ହେଲା ନିରାକାର ତେଣୁ ଏହି ମୁଁ ହିଁ ଈଶ୍ୱର, ତେଣୁ ହେ ଭକ୍ତ ଏହି ମୁଁ କାରକୁ ତୁମେ ଈଶ୍ୱରଙ୍କୁ ଦେଇ ଦିଅ । ତୁ କୁ ଆବିଷ୍କାର କର ତୁମ ଭିତରୁ ତାହେଲେ ତୁମେ ଈଶ୍ୱରଙ୍କ ପଥ ନିଶ୍ଚୟ ପାଇପାରିବ ତୁମର କଠିନତା ରୂପକ ଗର୍ବ ଅହଂକାର ତରଳି ଯାଇ ସରଳିକରଣ ହୋଇଯିବ । ଏହାହିଁ ଜୀବର ନିର୍ଯ୍ୟାସ । ଭକ୍ତର ନିର୍ଯ୍ୟାସ, ଶିଷ୍ୟର ନିର୍ଯ୍ୟାସ ତେଣୁ ସରଳତାର ମାର୍ଗକୁ ଅନୁସରଣ କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ କାରଣ ଈଶ୍ୱର ତୁମର ଗୋଲାମ ନୁହଁନ୍ତି । ତୁମର ପ୍ରତ୍ୟେକ କଥାକୁ ସେ ପୁରଣ କରିଦେବେ । ତା ଅର୍ଥ ହେଉଛି ତୁମେ ଈଶ୍ୱରଙ୍କୁ ହୁକୁମ କରୁଛ ମୋତେ ଏଇଟା ଦିଅ ସେଇଟା ଦିଅ, ମୋର ଏ କାର୍ଯ୍ୟ କରିଦିଅ । ଏସବୁ ଅହଂକାରକ କାର୍ଯ୍ୟକଳାପ ହୋଇଥାଏ। ଯଦି ମୁଁ କୁ ଛାଡି ତୁମେ ତାଙ୍କର ହୋଇଯିବ ଏ ସୃଷ୍ଟି ତ ତୁମର ହୋଇଯିବ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ମାଗିଲା ପରି ନାରାୟଣୀ ସେନା, ଆଉ ଅର୍ଜୁନ ମାଗିଲେ ନାରାୟଣ, ଏଇଥିରୁ ଭକ୍ତ ବୁଝିଯିବ ଏଥର ବୁଝିଲୁତ ? ମୁଁ ମୁଁ ନହୋଇ ଈଶ୍ୱରଙ୍କ କର୍ମ କରିଯାଅ । ହରି ଓଁ ।

ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର ! (୭)

ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏମାନଙ୍କ ଭିତରୁ ଏପରି ଅନେକ ନେତାମାନେ ଆସନ୍ତି ଯେଉଁମାନେକି ସ୍ୱାଧୀନତା ସଂଗ୍ରାମର ଇତିହାସ ସଂପର୍କରେ ବିଶେଷ କରି ଜାଣି ନାହାନ୍ତି, କି ଗଣତାନ୍ତ୍ରିକ ବାସ୍ତବ ମୂଲ୍ୟବୋଧ ସଂପର୍କରେ ବିଶେଷ କିଛି ଜ୍ଞାନ ନାହିଁ। ସେମାନଙ୍କ ଦେଶ ପ୍ରେମର ଭାଷଣ ଗୁଡାକ ବୋଧ ହୁଏ ୮୦ ବର୍ଷ ଭିତରେ ଯେତେସବୁ କଳଙ୍କ ସବୁ ଲାଗିରହିଥିଲା ସବୁଗୁଡାକ ଏ ଭାଷଣର ବର୍ଷାରେ ସବୁ ସଫା ହୋଇଯାଇଥିବ। ୮୦ ତମ ସ୍ୱାଧୀନତା ଦିବସର ଅବକାଶରେ ଆମେ କିଛି ସଚେତନ ନାଗରିକ ମାନଙ୍କୁ ଭେଟିଥିଲୁ, ଯାହାର ସଂକ୍ଷିପ୍ତ ସାରାଂଶ ଏଠାରେ ପ୍ରଦାନ କରୁଛୁ। ଆମେ ପ୍ରଶ୍ନ କରିଥିଲୁ, ଆପଣମାନେ ଏ ସ୍ୱାଧୀନତା ଦିବସକୁ କିପରିଭାବେ ଅନୁଭବ କରନ୍ତି ? ଉକ୍ତ ଦିବସଟିକୁ ପ୍ରତ୍ୟେକ ନାଗରିକ କିପରି ଉପଲବ୍ଧି କରିବା ଉଚିତ, ସେମାନଙ୍କ ଭିତରୁ ପ୍ରାୟ ୯୦ ପ୍ରତିଶତ ବ୍ୟକ୍ତିଙ୍କର ଉତ୍ତର ଥିଲା ଅବଶ୍ୟ ଏହି ଐତିହାସିକ ଦିବସଟି ଭାରତର ପ୍ରତ୍ୟେକ ନାଗରିକଙ୍କ ମନରେ ସ୍ୱତଃ ପ୍ରବୃତ୍ତ ଭାବେ ଦେଶ ପ୍ରେମର ବହ୍ନିକୁ ପ୍ରଜ୍ୱଳିତ କରିଦେବା କଥା, କିନ୍ତୁ କେଉଁଥିପାଇଁ ଓ କେଉଁ ନେତାମାନଙ୍କର ଆହ୍ୱାନରେ ଆମ ଭିତରେ ଦେଶାତ୍ମବୋଧର ଦିବ୍ୟ ଚେତନା ସୃଷ୍ଟି କରିବ ଏଇ ନେତା ? ଯେଉଁମାନେ କୋଟି କୋଟି ଟଙ୍କା ବ୍ୟୟ କରି ନିର୍ବାଚନ ବୈତରଣୀକୁ ପାର ହେଉଛନ୍ତି ?ଏଇମାନେ ଆମକୁ ଦେଶ ପ୍ରେମର ବାର୍ତ୍ତା ଦେବେ ? ଯେଉଁମାନେ ନିର୍ବାଚନ ଜିତି କ୍ଷମତା ପାଇବା ପରେ ଆମକୁ ଚିହ୍ନିପାରନ୍ତିନି ? ଏଇମାନଙ୍କର ଆହ୍ୱାନ ଆମ ଭିତରେ ଦେଶ ପ୍ରେମର ବହ୍ନିକୁ ପ୍ରଜ୍ୱଳିତ କରିବ ? ଯେଉଁ ନେତା ସ୍ୱାଧୀନତା ଦିବସର ମଞ୍ଚ ଉପରେ ଦଣ୍ଡାୟମାନ ହୋଇ ଦେଶ ପ୍ରେମର ଦିଗନ୍ତ ବିସ୍ତାର ବାରିଧାରା ଜନସାଧାରଣଙ୍କ ଉପରେ ଢାଳି ଦେଇ ଠିକ୍ ତାର ପରବର୍ତ୍ତୀ ଦିନଠାରୁ ଖଟିଖିଆ ମେହନତି ମଣିଷଙ୍କ ସଂପତ୍ତିକୁ ଲୁଣ୍ଠନ କରେ ଓ ଲୁଣ୍ଠନ କରିବାର କୌଶଳ ସହକର୍ମୀମାନଙ୍କ ମନରେ ଉଜ୍ଜୀବିତ କରାଏ ସେଠାରେ ସ୍ୱାଧୀନତା ଦିବସର ମାନେ କଣ ଥାଏ ଏଇ ସାଧାରଣ ଲୋକଙ୍କ ନିକଟରେ ? ଜାତିର ପିତା ମହାତ୍ମାଗାନ୍ଧୀ, ଯାହାଙ୍କର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ମାନବିକ ମୂଲ୍ୟବୋଧ, ସତ୍ୟବାଦିତା ଅହିଂସା ଓ ନିର୍ଭୀକତା ଆଦି ଦିବ୍ୟ ଗୁଣକୁ ଅନୁସରଣ କରି ଭାରତର ଲକ୍ଷ ଲକ୍ଷ ଜନତା ତତ୍କାଳିନ ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ ଓ ଆତ୍ମ ବଳିଦାନ ଦେଇଥିଲେ। ସେହି ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତ ସ୍ୱାଧୀନତା ହାସଲ କଲା, କିନ୍ତୁ ବଡ କ୍ଷୋଭ ଓ ପରିତାପର ବିଷୟ ହେଲା ସମଗ୍ର ଦେଶକୁ ଭ୍ରଷ୍ଟାଚାରରେ ବୁଡାଇ ଦେବାପୂର୍ବରୁ ତାଙ୍କୁ ପ୍ରଥମେ ନିର୍ମମ ଭାବେ ହତ୍ୟା କରାଗଲା। ତାପରେ ହତ୍ୟା କରାଗଲା ତାଙ୍କର ଆଦର୍ଶ ଓ ମୂଲ୍ୟବୋଧକୁ। ଯେଉଁ ନୀତି ଓ କାର୍ଯ୍ୟକୁ ସେ ଜୀବନ ବ୍ୟାପି ଘୃଣା କରୁଥିଲେ ସେହି କାମକୁ ଏବେ ଦେଶରେ ପ୍ରାୟ ଅର୍ଦ୍ଧାଧିକ ଭାରତୀୟ ବଳିଷ୍ଠ ଆଦର୍ଶ ରୂପେ ଗ୍ରହଣ କରିସାରିଲେଣି। ଜୀବନରେ ସେ ପ୍ରାୟ ସାତୋଟି କାର୍ଯ୍ୟକୁ ପାପ ବୋଲି ବିଚାର କରୁଥିଲେ। ଶ୍ରମହୀନ ରୋଜଗାର, ବିବେକହୀନ ଉପଭୋଗ, ଚରିତ୍ରହୀନ ଜ୍ଞାନ, ନୈତିକତାହୀନ କର୍ତ୍ତବ୍ୟ, ମାନବିକତା ହୀନ ବିଜ୍ଞାନ, ତ୍ୟାଗହୀନ ଧର୍ମ ଏବଂ ଆଦର୍ଶ ବିବର୍ଜିତ ରାଜନୀତି। ଏଗୁଡିକ ମହାତ୍ମାଗାନ୍ଧୀ ଜୀବନ ବ୍ୟାପି ବିରୋଧ କରି ଆସିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଉପରୋକ୍ତ ଚରିତ୍ର ଗୁଡିକୁ ଅସୁମାରୀ ଭାରତୀୟ ଏବେ ସର୍ବବ୍ୟାପକ କରିସାରିଲେଣି, ଯାହାକୁ ବିଲୋପ କରିବା ପାଇଁ ଭାରତ ବର୍ଷର ବିଶାଳ ବୁଦ୍ଧିଜିବୀ ବର୍ଗ ଚାହିଁଲେଣି ଆଉଏକ ମୁକ୍ତି ସଂଗ୍ରାମ। ଆମେ ଅବଶ୍ୟ ନିଶ୍ଚିତ ସ୍ୱୀକାର କରିବୁ ଭାରତରେ ବୈଦେଶିକ ପୁଞ୍ଜି ପହଞ୍ଚିଛି। ସୂଚନା ପ୍ରଯୁକ୍ତି, ବ୍ୟବସାୟ, ଯାନ୍ତ୍ରିକ, ସଭ୍ୟତା, ବିଜ୍ଞାନ, ଟେଲି ଯୋଗାଯୋଗ ସେବା ବିକଶିତ ହେବାରେ ଲାଗିଛି। କ୍ରିକେଟ ଷ୍ଟାର, ଶିଳ୍ପପତି, ସିନେମାଷ୍ଟାରଙ୍କର ବିଶାଳ ସଂପଦ, ନଭଶ୍ଚୁମ୍ବୀ ବିଳାସମୟ ପ୍ରାସାଦ ଗୁଡିକ ଦେଖି ଖଟିଖିଆ ମେହନତି ମଣିଷ ଗୁଡାକ ଅକାମୀ ହୋଇ ଚାହିଁ ରହୁଛନ୍ତି। ଭାରତର ଏହି କୁବେରମାନଙ୍କ ସମ୍ମୁଖରେ ଆଶାତୀତ ଭାବେ ବଢି ଚାଲିଛି ବେରୋଜଗାରୀ ଯୁବକ ଯୁବତୀମାନଙ୍କର ଲୋମଟାଙ୍କୁରା ଯନ୍ତ୍ରଣା। ନିଯୁକ୍ତି ନପାଇ କୋଟି କୋଟି ଯୁବକ ଯୁବତୀ ବିପଥଗାମୀ ହୋଇଗଲେଣି। ଶିକ୍ଷାର ବ୍ୟବସାୟୀକରଣ ଫଳରେ ନିରକ୍ଷରତା, ଅଜ୍ଞତା, ଅଶିକ୍ଷା, ଅନ୍ଧବିଶ୍ୱାସ ଦ୍ରୁତ ଗତିରେ ବଢିଚାଲିଛି।

ବିଶ୍ୱ ପ୍ରେକ୍ଷାପଟ୍ଟରେ ଯଦି ବିଚାର କରାଯାଏ ଆଜିବି ଭାରତ ବର୍ଷରେ ଗ୍ରାମମାନଙ୍କରେ ଯେତେ ଲୋକ ବସବାସ କରନ୍ତି ସେମାନଙ୍କ ମଧ୍ୟରୁ ଅସୁମାରୀ ସଂଖ୍ୟାରେ ମଣିଷଙ୍କ ଉତ୍କଟ ଦାରିଦ୍ର୍ୟକୁ ଦେଖିଲେ ପୃଥିବୀର କୌଣସି ଜଣେ ହେଲେ ସଭ୍ୟ ମଣିଷ ବିଚାର କରିବ ନାହିଁ ଯେ ଏଠାରେ ଗୋଟାଏ ଗଣତନ୍ତ୍ର ବଞ୍ଚିରହିଛି ବୋଲି, ଆମର ଶାସନ ଏତେ ଶକ୍ତିଶାଳୀ ଯେ ଭାରତବର୍ଷରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶିଶୁ ନିରୁଦ୍ଦିଷ୍ଟ ହୋଇଥାନ୍ତି, ଯାହାର ଖୋଜ ଖବର ସରକାରଙ୍କ ନିକଟରେ ନଥାଏ। ଭାରତ ବର୍ଷର ଏପରି କିଛି ଲୋକ ରାସ୍ତା କଡରେ, ବସଷ୍ଟାଣ୍ଡ ଏବଂ ରେଲୱେ ଷ୍ଟେସନ୍‌ରେ ଅନାଥଙ୍କ ପରି ଜୀବନ ଧାରଣ କରିଥାନ୍ତି। ଯାହାଙ୍କର ମୁଣ୍ଡ ଗୁଞ୍ଜିବାକୁ ୮୦ ବର୍ଷ ଭିତରେ ଚାଳ ଖଣ୍ଡେ ନାହିଁ। ଜନ୍ମ ନିଅନ୍ତି ରାସ୍ତା କଡରେ, ମରନ୍ତି ମଧ ସେହି ରାସ୍ତା କଡରେ। ମହାତ୍ମାଗାନ୍ଧୀ ଥରେ ସ୍ୱାଧୀନତାର ମୂଲ୍ୟବୋଧକୁ ବିଶ୍ଳେଷିତ କରି କହିଥିଲେ ଯେଉଁଦିନ ଜଣେ ମହିଳା ଏକାକି ରାଜରାସ୍ତାରେ ଯାଇ ନିରାପଦରେ ତା ଗୃହରେ ପହଞ୍ଚି ପାରୁଥିବ, ସେହିଦିନ ଆମେ ଜାଣିବା ଯେ ଆମର ସ୍ୱାଧୀନତା ଆନ୍ଦୋଳନ ସଫଳ ହୋଇଛି। ଗାନ୍ଧିଜୀଙ୍କର ଏହି ଚିନ୍ତା ଆଜି କେଉଁଠି ପହଞ୍ଚିଛି ? ଭାରତର ପ୍ରତ୍ୟେକ କୋଣ ଅନୁକୋଣକୁ ଲକ୍ଷ୍ୟ କରନ୍ତୁ, ରାତ୍ରି ଏଠାରେ ଦୂରର କଥା, ଦିନ ଦ୍ୱିପ୍ରହରରେ ଜନ ଗହଳି ଅଞ୍ଚଳ ମାନଙ୍କରୁ ମହିଳା ଓ ନାବାଳିକାମାନଙ୍କୁ ଉଠାଇ ନେଇ ଯେପରି ଗଣଦୁଷ୍କର୍ମ ଓ ହତ୍ୟା କରାଯାଉଛି। ତାକୁ ଦେଖିଲେ କେହି କହିବେକି ଏଠାରେ ଗୋଟାଏ ସ୍ୱାଧୀନତା ବଂଶ ରହଛି ବୋଲି ? ଏପରିକି ପଶୁଙ୍କ ଭିତରେ ଦୟା, କ୍ଷମା ଭଳି ଯେତିକି ଚେତନା ଦେଖିବାକୁ ମିଳେ, ସେତକ ଚେତନା ବି ଆମମାନଙ୍କ ନିକଟରେ ନାହିଁ। ମାନବିକତାର ସ୍ପନ୍ଦନ ବିଲୋପ ହୋଇଗଲାଣି। ଏହିପରି ଅସରନ୍ତି ଘଟଣା ରହିଛି ଯାହାକୁ ଏଠାରେ ଉଲ୍ଲେଖ କରିବାକୁ ଏ ଲେଖକ ଉଚିତ ମନେକରୁନାହାଁନ୍ତି, ଯାହାକି ସମସ୍ତେ ଜାଣନ୍ତି। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

ଦୀପାବଳି

ସୁଶୀଲ କୁମାର ପାଣିଗ୍ରାହୀ

ମୋ ଭିତରେ ଆଜି
ଅନେକ ଶବ୍ଦ
ଦୀପର କିଛି ଔଜ୍ଜ୍ୱଲ୍ୟ
ଓ ନୀରବତା ବି ।



ଅନ୍ଧାର, ଆଲୋକ
ଶବଦ ଓ ନୀରବତାର
ଅପୂର୍ବ ସମାହାର
ଓ ସମନ୍ୱୟ
ଗୋଟିଏ ଦୃଶ୍ୟରେ ।

ଏଇ ଗୋଟିକ ଦୃଶ୍ୟ
ମୋ ଜୀବନର ଗୋଟିଏ ପାଦ ନୁହେଁ
ସ୍ଥିର ଚିତ୍ର ନୁହେଁ
ଗୋଟିଏ ବୁନ୍ଦା ମାତ୍ର
ବଢ଼ିଯାଉଥିବା ନଈର ।

ଶବ୍ଦ ସହ ଗତି
ଆସକ୍ତି ,ନିୟତି
ଅବିରତ, ଅବିଭକ୍ତ
କିନ୍ତୁ ଲୋଡେ ଉଜ୍ଜ୍ୱଳ ମୃତ୍ୟୁ
ଏବଂ ନୀରବତା ଶିଖା ସମ
ମୋର ଯାତ୍ରା
ଅତୁଟ, ଅନନ୍ତ ।

ଏମିତି ଟୋପାଏ ଟୋପାଏରେ
ହିଁ ମୁଁ ଭରୁଛି
ଧୀରେ ଧୀରେ
ମାଟିଦୀପର ନୀରବତା ବାଙ୍ମୟ,
ମାଟି ଦୀପର ମୁହୂର୍ତ୍ତ ଉଜ୍ଜ୍ୱଳ
ମାଟି ଦୀପର ଅସ୍ତିତ୍ୱ ଏକ
ଆଲୋକିତ ପଥ ।

କଲ୍ୟାଣୀ ରେସିଡେନ୍ସି
ଜଲାନ ଗଳି, ଫ୍ଲାଟ୍ -୨୦୩
ସମ୍ବଲପୁର -୨
ଫୋନ୍ -୯୪୩୭୮୦୫୯୬୧

।। କାର୍ତ୍ତିକ ।।

ସୁଜିତ କୁମାର ମିଶ୍ର

ତୁମେ ଭାବନାର ପବିତ୍ର ଦୀପାଳୀ ଘନ ତମସାକୁ ଚିରି,
ଅପାର ଭାବର ଅର୍ପଣରେ ତୁମ ଆଲୋକ ଆସଇ ଫେରି ।
ଚଉଁରାମୂଳର ତୁମେ ଆରାଧନା ଛଳଛଳ ଆବେଗରେ,
ଚନ୍ଦ୍ରମା ଜୋଛନା ତୁମ ମୂର୍ଚ୍ଛନାରେ ଆକାଶ ଛାତିରୁ ଝରେ ।

ତୁମେ ତଟିନୀର ମିଠା ଗୀତସୁର ପାହିଗଲେ ତନ୍ଦ୍ରାରାତି,
ଜୀବନ ମନ୍ଦିର ଶଂଙ୍ଖଧ୍ୱନି ତୁମ ଜୀଇଁବାର କଳାକୃତି ।
ପୁଣ୍ୟ ପଞ୍ଜୁକର ଭକ୍ତି ବ୍ରତ ତୁମେ ଫୁଲ ଚନ୍ଦନର ବାସ,
ବିମଳ ଶୋଭାର ବିକିରଣ ତୁମ ବିଧୁରା ଧବଳ ବେଶ ।

ତୁମେ ଭରସାର ବୋଇତ ବନ୍ଦାଣ ସପନର ଶ୍ରଦ୍ଧା ତଟେ,
ଗୋପନ ଇଛାର ଗୁରୁ ମନ୍ତ୍ର ତୁମ ନିନାଦିତ ମନ ଘଟେ ।
ଭିଜାଭିଜା ପ୍ରାଣ ଅଙ୍ଗନରେ ତୁମେ ଭାବ ମୂରୁଜର ଝର,
ତୁମ ତପୋବନ ସାତ୍ତ୍ୱିକ ସ୍ପନ୍ଦନ ତୋଳୁଥାଏ ସ୍ୱର୍ଗପୁର ।

ତୁମେ ପୁଣ୍ୟବେଶୀ ପ୍ରଲମ୍ବ ପଣତ ତୀକ୍ଷ୍ଣ ପାପ ଛାତିଭେଦି,
ବିଶ୍ୱାସ ଘରର ଚାରିକାନ୍ଥେ ତୁମ ନିଃସ୍ୱ ହୁଏ ନିତି ବନ୍ଦୀ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

ମାଟି ଓ ମୂର୍ତ୍ତି

ଲତିକା ବିଳାସ

ମାଟିର ମହମହ ମହକ.... କ'ଣ ମୂର୍ତ୍ତିରେ ଥାଏ
ମାଟି ଭଳି ସେ କ'ଣ.. ସ୍ଫୁର୍ତ୍ତିରେ
ଲହରେଇ ପାରେ ସବୁଜ ପଣତ
ଫୁଲ ଫୁଟାଇ ବାସ୍ନାୟିତ .. କରିପାରେ ଚତୁର୍ଦ୍ଦିଗ
ଫଳ ଫଳାଇ ମେଣ୍ଟାଇପାରେ କ୍ଷୁଧା ....ନା
ଜଳ ଝରାଇ ତୁଟାଇପାରେ ତୃଷ୍ଣା
ମାଟି କ'ଣ କେବେ ଚାହେଁ ... ମୂର୍ତ୍ତି ହେବାକୁ
ମାଗେ କି.... ମେଞ୍ଚେ ରଙ୍ଗର ପ୍ରଲେପ
ଖଣ୍ଡେ ଚିକ୍ ମିକ୍....ବସ୍ତ୍ରର ବେଢ଼ଣ
ଭାରେ... ଓଜନିଆ ଅଳଙ୍କାର ....ଆଉ
ଧାରେ.... ନାଲିଆ ନକଲି ହସ
ଚାରିଦିନର ଚମକ
ତା'ପରେ ପୁନଃର୍ମୂଷିକ ...
ହେଲେ ଶତ ଚେଷ୍ଟା ସତ୍ତ୍ୱେ ବି
ମୂର୍ତ୍ତି କ'ଣ ଆଉ ମାଟି ଭଳି
ମୁକ୍ତ ହସଟେ ହସିପାରେ
ତା' ଶୁଦ୍ଧତା ... ଟିକକ ହରଣ ହେଲାପରେ
ନା... ମାଟି ତାକୁ ଆଉ ସ୍ନେହରେ ଆଲିଙ୍ଗେ
ନା.. ପାଣି ତାକୁ ଶ୍ରଦ୍ଧାରେ ଆଦରେ ....
ତଥାପି ଇଚ୍ଛା ଥାଉ.. କି ନ ଥାଉ
ଦେବୀ ସାଜିବାକୁ ସେ
ପ୍ରତିବର୍ଷ... ମାଟିରୁ ମୂର୍ତ୍ତି ହେବାକୁ ବାଧ
ରଙ୍ଗ ମାଖି.. ଝଲମଲ ଦିଶିବାକୁ ବାଧ
ଭୋଗ ନୈବେଦ୍ୟ ଟିକେ ଶୁଙ୍ଘି
ବିକଳାଙ୍ଗ, ବିବସନା ହୋଇ
ପଙ୍କ କାଦୁଅରେ.. ଲୋଟିବାକୁ ବାଧ ....।।

କଥା ଦେଇଥିଲି

ସାରଦା ପ୍ରସାଦ ଆଚାର୍ଯ୍ୟ

କଥା ଦେଇଥିଲି ସାଥୀ କି ମୋର
ଦେଖାକରିବୁ ଶ୍ରୀକ୍ଷେତ୍ର ଯାଇ
ଅଧିକ ଭଲପାଇବା , ସେତିକି ଗୁହାରି
ଗଣ୍ଠିଲି ବାନ୍ଧି ରଖିଚି ମୋ ସାଥି ।

ନୀଳାଚଳ ଧାମେ ଯାଇ ପାରୁନୁ
ଏଇଠି କରୁଚୁ ପ୍ରଣିପାତ
ହେ ଜଗନ୍ନାଥ, ହେ ପତିତପାବନ
ହେ ଜଗତର ନାଥ, ହେ ଚକାନୟନ ।

ନାହିଁ ଅବସୋସ ମନରେ ଆମ
ଦେଖା ହେଲେ ପ୍ରଭୁ କହିବୁ ସେକଥା
ସବୁ ଜଞ୍ଜାଳରୁ ମୁକତି ଦିଅ ହେ ଜଗନ୍ନାଥ ,
ଏଇଠି କରୁଚୁ ପ୍ରଣିପାତ ।

ଯଦି ଏ ଜନମେ ଦେଖା ନହେଲ
ଆର ଜନମରେ ଘରଟିଏ ଦେବ
ତୁମ କ୍ଷେତ୍ରରେ ,
ଏତିକି ମିନତି ତୁମ ପାଦ ତଳେ,
ହେ ଜଗନ୍ନାଥ, ହେ ଚକାନୟନ
ହେ ଜଗତର ନାଥ,ହେ ପତିତପାବନ,
ଏଇଠି କରୁଚୁ ପ୍ରଣିପାତ ।

ଯୋଡ଼ା -କେନ୍ଦୁଝର
ମୋ-୮୬୩୭୨୧୩୮୨୫

ଆସିବ ବୋଲିତ ଖୋଲା ମୁଁ ରଖିଛି

ହରିଶ୍ଚନ୍ଦ୍ର ବେହେରା

ଆସିବ ବୋଲିତ ଖୋଲା ମୁଁ ରଖିଛି
ମନର ଦୁଆର ସହୀ
ରାତି ସରି ଯାଏ ଚାନ୍ଦ ଡୁବି ଯାଏ
ପ୍ରିୟତମ ଦେଖା ନାହିଁ ।।

କେଉଁ ଅପରାଧ କରିଛି ଲୋ ସହୀ
ମନରୁ କରିଲେ ଦୂର
ମନ ବିକି ଦେଲି କଳଙ୍କିନୀ ହେଲି
ତାଙ୍କରି ବଇଁଶୀ ସୁର
ଭାଙ୍ଗି ଦେଲା ମୋର ସୁନାର ସଂସାର
ପାରୁନି ଗଞ୍ଜଣା ସହି ।।

ମୋ ଛଡ଼ା ତ ମୋର ମନର ବେଦନା
ବୁଝେନା ଜଣେବି ଆଉ
ଚାଳ ମଥାନରେ ପୋଇ ଓ କଖାରୁ
କା କା ରାବେ କାଉ
କେନ୍ଦରା ବଜେଇ ନାଥ ଯୋଗୀ ଆସି
ନିତି ନିତି ଯାଏ ଗାଇ ।।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

ସତ ପାଇଁ ମୁଠେ ଗୀତ

ଦେବାଶିଷ ଚକ୍ରବର୍ତ୍ତୀ

ଅଭ୍ରାନ୍ତ
ଆପଣା ଜୀବନେ ମନେ କରିଛି ଯେ
ସତ୍ୟ ହିଁ ସବୁଠୁ ସୁନ୍ଦର ବୋଲି
ସ୍ୱାର୍ଥ ଝଡ଼ରେ ଜୀବନ ପଥରେ
ଯିବକି କେବେହେଁ ସେ ବାଟ ଭୁଲି ?

ସୁନାମି
ସଂସାର ନଉକା ବାହିଥାଏ ଯିଏ
ଜୀବନେ ସତ୍ୟକୁ ଆଶ୍ରୟ କରି
ଅଭାବ ସୁନାମି ଆସିଲେ କେବେହେଁ
ବୁଡି ଯାଏ ନାହିଁ ତରୀ ତାହାରି ।

କୌଶଳ
ମିଥ୍ୟାର ପ୍ରସାର କରିବା ପାଇଁ କି
ଲୋଡ଼ା ପଡ଼େ ସିନା ନାନା କୌଶଳ
ସତ୍ୟ ସୂର୍ଯ୍ୟ ପରି ପ୍ରକାଣ୍ଡ ପ୍ରଚଣ୍ଡ
ନିଜେ ହିଁ ଉପମା ଅଟେ ନିଜର ।

ପଣ
ସତ କହିବାକୁ ଡରିବନି ବୋଲି
ପଣ କରିଅଛି ଯିଏ ମନରେ
ମିଛ ଭଉଁରୀରେ ପକେଇ ପାରିବ
ସାଧ ଅଛି କାର ଏହି ମହୀରେ ?

ଈଶ୍ୱର
ଆପଣା ହୃଦୟ କୁଞ୍ଜରେ ଯିଏ
ସତ୍ୟକୁ ପୂଜୁଛି ଈଶ୍ୱର ବୋଲି
ସକଳ ପୁଣ୍ୟ ତା ପାଖରେ ଲୋଟିବେ
ନଗଲେ ବି ବାରାଣାସୀ କି ପୁରୀ ।

ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

ପ୍ରେମର ଅର୍ଥବ୍ୟବସ୍ଥା..

ମନୋଜ କୁମାର ବେହେରା

ତୁମେ ଗାଁରେ ରହୁଥିଲ
ପାଠ-ପଢାରେ ବହୁତ ବୁଦ୍ଧିମାନ ଥିଲ
ମୁଁ ମଧ୍ୟ ସେହି ଗାଁର ଥିଲି
ଆଉ ଏବେ ସହରେ ଆସି ରହୁଛି ।

ତୁମର ସ୍ୱପ୍ନର ମାନ ରଖିବି ବୋଲି
ତୁମର ପିତା ଅନୁମତି ଦେଇଥିଲେ
ତାହାକୁ ପୁରଣ କରିବା ପାଇଁ
ଆଉ ମୋ ଭରସାରେ ତୁମକୁ
ପଠେଇ ଦେଲେ ମୋ ସାଙ୍ଗରେ..
କିଛି ସମୟ ଏବେ ବିତି ନଥିଲାକି
ତୁମକୁ ସହରର ପବନର ହାୱା ଲାଗିଗଲା
ପୁରୁଣା ସ୍ୱପ୍ନ ସବୁ ନୂଆ ଆକୃତିର
ଅଧିକାର କରିବାକୁ ଲାଗିଥିଲେ,
ଦେଖୁଛି ମୁଁ ଆଜିକାଲି
ତୁମର ପୋଷାକରେ ବଢୁଥିବା ପାରଦର୍ଶିତା
ଆଉ ଡିଜାଇନର୍-ଆଉଟଫିଟ୍‌ରେ ଲାଗୁଥିବା
ଟେଲର-ମେଡ୍ କଟସ୍‌ରେ..
କଣେଇ କଣେଇ ଅନେଇ ଥାଏ ମୁଁ
ତୁମର ଅଂଗର 'ପୂର୍ବନୁମେୟତା'
ମୋର ମନରେ 'ମୁଦ୍ରାର' ପରି
ତୁମର 'ମୂଲ୍ୟ'କୁ ନେଇକରି
ଗୋଟିଏ ସଂଶୟର ସ୍ଥିତି ନିର୍ମିତ କରୁଛି
ସହଜ ଏହା ମୋ ପାଇଁ,
ଛାଡି ଦେବି ତତେ ଏହି ସ୍ଥିତିରେ
କିନ୍ତୁ ତୁମର ପିତାର ଇଛା ଥିଲା ମୁଁ ରହିବି
'ରିଜର୍ଭ-ବ୍ୟାଙ୍କ'ର ପରି
ସର୍ବଦା ତୁମ ସଂଗରେ..
ଯାହାର କାମ ହିଁ ହୋଇଥାଏ
ପ୍ରତ୍ୟେକ ସ୍ଥିତିରେ 'ମୌଦ୍ରିକ-ସ୍ଥିରତା'ର
ବଜାୟ ରଖିବା..



ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

ଚୁକ୍ତି

ମାତ୍ର ମାସ କେତୋଟି
ଚାହୁଁ ଚାହୁଁ ବିତିଗଲା
ଜମା ପରତେ ଯାଉନି
କି ଆଖିକୁ ପାଉନି ।

ଗଲା ବେଳେ ଝିଅ ବିଦା ହେଲା ପରି
ଅନୁଭବ ପାଇଁ ବାଧ୍ୟ ହେଲା
ଆଖିରୁ ଲୁହ ଧାର ଅନବରତ
ଗଡି ଚାଲିଥାଏ
ହାତ ଦୁଇଟା ପୋଛିବା ପାଇଁ ସାହସ କୁଳଉ ନ ଥାଏ ।

ଦ୍ୱାର ମେଲା ଝରକା ବି ଖୋଲା
ନୂଆ ଜାଗାକୁ ଆଖି ବି ରହିଥାଏ ମେଲା
ଦିନକୁ ଦିନ ବଢୁଥାଏ ଝାମେଲା ।

ସତେ ଅବା ଅପୂର୍ବ ଲୀଳା
ନାମକୁ ମାତ୍ର ପାଉଣା କିଛି
ସମୁଦ୍ରକୁ ଶଙ୍ଖେ ପଣା ଭଳି
ସଂସାର ସୁଖେ ଦୁଃଖେ ଯାଉଥିଲା ବିତି ।

ଅରୁଣ କୁମାର ଦାସ

କାଠ ଚୂଲିରେ ରୋଷେଇ
କାଠ ବି ଥିଲା ମହରଗ
ତାହା ଭିତରେ କୁଳନନ୍ଦନ
ହୋଇଲା ଜନମ ।

ଭୁଲି ଯାଇଥିଲୁ ଭୋକ ଶୋଷ
କିଛି ନ ଥିଲା ଅବସୋସ
ମେଣ୍ଟିଗଲା ସବୁ ଶୋଷ
ପାଇ ତା ପରଶ ।

କିଛି ବି ମୁହଁ ଆଡେଇ ନେଲେ
କେତେକ ଭୁଲି ବି ଗଲେ
ହାତ ଗଣତି କତିପୟ ବିଚାରକୁ ନେଲେ
ସମୀକରଣ ବଦଳାଇ ନେଲେ ।

ସବୁ ସେଇ ଲୀଳା ଭୟଙ୍କର ଲୀଳା
କାହା ପାଇଁ ବନି ଯାଏ କୀଳା
ସମସ୍ତଙ୍କ ଭାଗ୍ୟରେ ନ ଥାଏ
ଦେଖିବାକୁ ସେ ଅମୃତମୟ ଲୀଳା ।

ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ-୯୯୩୮୭୩୩୦୭୫

ରୋନାଲ୍ଡୋଙ୍କୁ ମିଳିଲା ପ୍ରଥମ 'ବୋଟ୍' ପୁରସ୍କାର

ପ୍ୟାରିସ୍

ଫ୍ରାନ୍ସ ଫୁଟ୍‌ବଲ୍ ପକ୍ଷରୁ ପ୍ରଥମ ଥର ଲାଗି ଆରମ୍ଭ ହୋଇଥିବା 'ସର୍ବକାଳୀନ ବାଲନ ଓ'ଡିଓର' (ବୋଟ୍) ପୁରସ୍କାର ପର୍ତ୍ତୁଗାଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଜିତି ନେଇଛନ୍ତି। ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ୨୦୦୮ରେ ତାଙ୍କ ପ୍ରଦର୍ଶନକୁ ବାଲନ୍ ଡି'ଓର୍ ଇତିହାସର ଶ୍ରେଷ୍ଠ ବ୍ୟକ୍ତିଗତ ବର୍ଷ ଭାବେ ପ୍ରଶଂସକମାନେ ମାନ୍ୟତା ଦେଇଛନ୍ତି।

ଏହି ପୁରସ୍କାର ଦୌଡ଼ରେ ଥିବା ତାଙ୍କର ବହୁଦିନର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନା ତାରକା ତଥା ରେକର୍ଡ ୮ ଥର ବାଲନ ଡି'ଓର ପୁରସ୍କାର ପାଇଥିବା ଲିଓନେଲ୍ ମେସିଙ୍କୁ ସେ ପଛରେ ପକାଇ ଦେଇଛନ୍ତି। ୨୦୧୨ର ମେସି ରେକର୍ଡ ୯୧ ଗୋଲ୍ କରିଥିଲେ ମଧ୍ୟ ୫ ଥର ବାଲନ ଡି'ଓର ବିଜେତା ରୋନାଲ୍ଡୋଙ୍କ ୨୦୦୮ ବର୍ଷ ପ୍ରଦର୍ଶନକୁ ଅଧିକ ଭୋଟ୍ ମିଳିଥିଲା। ସାଧାରଣତଃ ବାଲନ୍ ଡି'ଓର ପୁରସ୍କାର ବିଜେତାଙ୍କୁ ସାମ୍ବାଦିକମାନେ ବାଛୁଥିବା ବେଳେ 'ବୋଟ୍' ବିଜେତାଙ୍କୁ ପ୍ରଶଂସକମାନେ ଡିଜିଟାଲ୍ ଭୋଟ୍ ମାଧ୍ୟମରେ ବାଛିଛନ୍ତି।

ପ୍ରତି ଭୋଟ୍ ପାଇଁ ଏକ ୟୁରୋ ଦେବାକୁ ପଡ଼ିଥିଲେ ମଧ୍ୟ ୫,୦୦୦ରୁ ଅଧିକ ପ୍ରଶଂସକ ଖୁସିର ସହ ଏକାଧିକ ଥର ଭୋଟ୍ ଦେଇଥିଲେ। ସୂଚନାଯୋଗ୍ୟ ଯେ ମେସି ଓ ରୋନାଲ୍ଡୋଙ୍କ ବାଦ୍ ଏକାଧିକ ଥର ବାଲନ ଡି'ଓର ପୁରସ୍କାର ବିଜେତା ଜୋହାନ କ୍ରୁଇଫ, ମିଚେଲ ପ୍ଲାଟିନି, ମାର୍କୋ ଭାନ୍ ବାଷ୍ଟେନ, କାର୍ଲ-ହେଞ୍ଜ ରୁମେନିଗେ, କେଭିନ କିଗାନ, ଫ୍ରାଞ୍ଜ ବେକେନବର, ଅଲଫ୍ରେଡୋ ଡି ଷ୍ଟିଫାନୋ ଓ ରୋନାଲ୍ଡୋ ନାଜାରିଓ 'ବୋଟ୍' ପୁରସ୍କାର ଦୌଡ଼ରେ ଥିଲେ।

ଆଜି ଚତୁର୍ଥ ଟି୨୦ : ମ୍ୟାଚ୍‌ରୁ ବାଦ୍ ପଡ଼ିବେ ବୈଭବ ସୂର୍ଯ୍ୟବଂଶୀ !

ଅକ୍‌ଲାଣ୍ଡ

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି୨୦ ସିରିଜ୍ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଉଭୟ ଦଳ ମଧ୍ୟରେ ଅକ୍‌ଲାଣ୍ଡରେ ଚତୁର୍ଥ ଟି୨୦ ମ୍ୟାଚ୍ ଖେଳାଯିବ। ଟିମ୍ ଇଣ୍ଡିଆ ପୂର୍ବରୁ ୩-୦ ରେ ଏହି ସିରିଜକୁ ଜିତି ସାରିଛି। ବର୍ତ୍ତମାନ ଭାରତର ଲକ୍ଷ୍ୟ କିୱି ଦଳକୁ ଏହାର ମାଟିରେ ୫-୦ରେ ପରାସ୍ତ କରିବା। ସିରିଜ୍ ଜିତି ସାରିଥିବା ଭାରତ ବର୍ତ୍ତମାନ ଚତୁର୍ଥ ଟି୨୦ ମ୍ୟାଚ୍ ପ୍ଲେଇଂ ୧୧ରେ କିଛି ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। କାରଣ ଆହତରୁ ସୁସ୍ଥ ହୋଇ ଇଶାନ କିଶନ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ମଧ୍ୟ ଖବର ସାମ୍ନାକୁ ଆସିଛି।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚତୁର୍ଥ ଟି୨୦ ଅକ୍ଟୋବର ୩୦ରେ ଇଡେନ୍ ପାର୍କରେ ମ୍ୟାଚ୍ ଅନୁଷ୍ଠିତ ହେବ। ଆହାତରୁ ସୁସ୍ଥ ହୋଇ ଷ୍ଟାର ଖେଳାଳି ଇଶାନ କିଶନ ଅଭ୍ୟାସ କରିବା ଆରମ୍ଭ କରିଦେଇଛନ୍ତି ଏବଂ ବର୍ତ୍ତମାନ ତାଙ୍କର ପ୍ରତ୍ୟାବର୍ତ୍ତନ ପ୍ଲେଇଂ ୧୧ରେ ହୋଇପାରେ। ସେ ଟିମ୍ ଇଣ୍ଡିଆର ଜଣେ ପ୍ରମୁଖ ବ୍ୟାଟ୍ସମ୍ୟାନ୍ ଏବଂ ଫିଟ୍ ହେବା ମାତ୍ରେ ହିଁ ପ୍ଲେଇଂ ୧୧କୁ ଫେରିବେ। କିଶନ ଯେତେବେଳେ ଦ୍ୱିତୀୟ ଏବଂ ତୃତୀୟ ଟି୨୦ରୁ ବାଦ୍ ପଡ଼ିଥିଲେ, ସେତେବେଳେ ତାଙ୍କ ସ୍ଥାନରେ ଭାରତର ବ୍ୟାକଅପ୍ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ବୈଭବ ତୃତୀୟ ଟି୨୦ ମ୍ୟାଚ୍‌ରେ ୪୫ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ସତ୍ତ୍ୱେ ମଧ୍ୟ ବର୍ତ୍ତମାନ ତାଙ୍କ ସ୍ଥାନରେ ଇଶାନ କିଶନ ଦଳକୁ ଫେରିପାରନ୍ତି।

ନୀତିଶ କୁମାର ରେଡ୍ଡୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ସେ ପ୍ରାୟତଃ ଆହତ ହେଉଥିବାରୁ ତାଙ୍କ କାର୍ଯ୍ୟଭାର ଉପରେ ଧ୍ୟାନ ଦେବା ଜରୁରୀ ରହିଛି। ଟିମ୍ ମ୍ୟାନେଜମେଣ୍ଟ ଚାହିଁବ ଯେ ନୀତିଶ ଦିନିକିଆ ସିରିଜ୍ ପାଇଁ ପ୍ରସ୍ତୁତ ରୁହନ୍ତୁ। ଏହି କାରଣରୁ ତାଙ୍କୁ ଚତୁର୍ଥ ଟି୨୦ରୁ ବିଶ୍ରାମ ଦିଆଯାଇପାରେ। ତାଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ଖେଳିବାର ସୁଯୋଗ ମିଳିପାରେ। ଅକ୍ଷର ପଟେଲଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇପାରେ। ତାଙ୍କ ସ୍ଥାନରେ ବେଞ୍ଚରେ ବସିଥିବା କୁଳଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣକୁ ଖେଳିବାର ସୁଯୋଗ ମିଳିପାରେ।

ଅର୍ଶଦୀପ ସିଂହ ମଧ୍ୟ କ୍ରମାଗତ ଭାବେ କ୍ରିକେଟ୍ ଖେଳୁଛନ୍ତି ଏବଂ ଦିନିକିଆ ସିରିଜ୍ ପାଇଁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଫ୍ରେଶ୍ ରଖିବାକୁ ଚାହିଁବ। ଏହି କାରଣରୁ ତାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇପାରେ। ତାଙ୍କ ସ୍ଥାନରେ ମୟଙ୍କ ଯାଦବଙ୍କୁ ପ୍ଲେଇଂ ୧୧ରେ ଖେଳିବାର ସୁଯୋଗ ମିଳିପାରେ।

ଚତୁର୍ଥ ଟି୨୦ ପାଇଁ ଟିମ୍ ଇଣ୍ଡିଆର ସମ୍ଭାବ୍ୟ ପ୍ଲେଇଂ ୧୧ : ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ୍ କିପର), ଇଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ନମନ ଧୀର, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ, କୁଳଦୀପ ଯାଦବ, ମୟଙ୍କ ଯାଦବ।

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି : ଚାଇନାକୁ ପରାସ୍ତ କରି ଭାରତର ବିଜୟ ଧାରା ଜାରି

ଜଳନ୍ଧର

ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ହକି ଦଳ ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ବିଜୟ ଧାରା ଜାରି ରଖିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଧିନାୟକ ହରମନପ୍ରୀତ ସିଂ (୨୭ ଓ ୩୧ତମ) ଓ ସୁଖଜିତ ସିଂ(୧୨ ଓ ୩୪ତମ)ଙ୍କ ଡବଲ ଗୋଲ ବଳରେ ଭାରତ ୫-୨ ଗୋଲରେ ଚାଇନାକୁ ପରାସ୍ତ କରିଛି। ଲଗାତର ଦୁଇ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ସହ ୬ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ଅଧିକାର କରିଛି। ମାଲେସିଆ ଓ ଜାପାନ ପାଖରେ ସମାନ ୬ ପଏଣ୍ଟ ରହିଛି। ହେଲେ ସେମାନେ ଗୋଲ ବ୍ୟବଧାନରେ ଭାରତଠାରୁ ପଛରେ ରହିଥିବାରୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଆଶା ଅନୁଯାୟୀ ମ୍ୟାଚ୍ ଆରମ୍ଭରୁ ହିଁ ଭାରତ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଚାଇନାର ଡିଫେନ୍ସ ବିଭାଗର ଉନ୍ନତ ପ୍ରଦର୍ଶନ ସତ୍ତ୍ୱେ ୧୨ତମ ମିନିଟ୍‌ରେ ସୁଖଜିତ ସିଂଙ୍କ ଗୋଲ ବଳରେ ଭାରତ ଖାତା ଖୋଲିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୬ତମ ମିନିଟ୍‌ରେ ଚାଇନାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର (ପିସି)କୁ ଗୋଲରେ କନଭର୍ଟ କରି ୟାଙ୍ଗ ପେଙ୍ଗ ସ୍କୋର ଲାଇନକୁ ବରାବର କରିଥିଲେ।

ପରବର୍ତ୍ତୀ ମିନିଟ୍‌ରେ ଭାରତକୁ ମିଳିଥିଲା ଏକ ପିସି, ଯାହାକୁ ଅଧିନାୟକ ହରମନପ୍ରୀତ ସିଂ(୨୭ତମ) ଗୋଲରେ ପରିଣତ କରି ଭାରତକୁ ୨-୧ ଗୋଲରେ ଆଗୁଆ କରାଇଥିଲେ। ତୃତୀୟ କ୍ୱାର୍ଟରର ୩୧ତମ ମିନିଟ୍‌ରେ ଭାରତକୁ ଆଉ ଏକ ପିସି ମିଳିଥିଲା, ଯାହାକୁ ହରମନପ୍ରୀତ ଗୋଲରେ ପରିଣତ କରିଥିଲେ। ଏହାପରେ ସଞ୍ଜୟଠାରୁ ପାଇଥିବା ପାସ୍‌ରୁ ସୁଖଜିତ (୩୪ତମ) ଏକ ଦର୍ଶନୀୟ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ୩୬ତମ ମିନିଟ୍‌ରେ ଚାଇନାକୁ ମିଳିଥିବା ପିସିକୁ ଚେନ ଚଙ୍ଗକଙ୍ଗ ଗୋଲରେ କନଭର୍ଟ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୪୭ତମ ମିନିଟ୍‌ରେ ଭାରତକୁ ଆଉ ଏକ ପିସି ମିଳିଥିଲା, ଯେଉଁଥିରୁ ଜୁଗରାଜ ସିଂ ଭାରତ ପାଇଁ ପଞ୍ଚମ ଗୋଲ ସ୍କୋର କରିଥିଲେ।

ହାଇଲୋ ଓପନ୍‌ରେ ଭାରତର ଦମ୍‌ଦାର ଆରମ୍ଭ : ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍ ବିଜୟୀ, ପ୍ରଣୟ ଆଉଟ୍

ନୂଆଦିଲ୍ଲୀ

ଜର୍ମାନୀରେ ଖେଳାଯାଉଥିବା ବିଡବ୍ଲ୍ୟୁଏଫ୍ ହାଇଲୋ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପିଭି ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ନିଜ ନିଜର ପ୍ରାରମ୍ଭିକ ମ୍ୟାଚ୍ ଜିତି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅନ୍ୟପଟେ କିରଣ ଜର୍ଜ, ଉନ୍ନତି ହୁଡ୍ଡା, ଇଶରାଣୀ ବରୁଆ ଓ ଅନମୋଲ ଖରବ ମଧ୍ୟ ବିଜୟ ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହା ସହିତ ଏଚ୍‌ଏସ୍ ପ୍ରଣୟଙ୍କ ସମେତ କିଛି ଭାରତୀୟ ଖେଳାଳିଙ୍କୁ ପରାଜୟର ମଧ୍ୟ ସାମ୍ନା କରିବାକୁ ପଡ଼ିଛି।

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସୀଡ୍ ପ୍ରାପ୍ତ ପିଭି ସିନ୍ଧୁ ଚମତ୍କାର ପ୍ରଦର୍ଶନ କରି ସଂଯୁକ୍ତ ଆରବ ଏମିରେଟ୍ସର ପ୍ରକୃତି ଭରତଙ୍କୁ ସିଧାସଳଖ ଗେମ୍‌ରେ ୨୧-୧୦, ୨୧-୧୦ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ମାତ୍ର ୨୮ ମିନିଟ୍ ଧରି ଚାଲିଥିଲା। ଗତ ସପ୍ତାହରେ ଫ୍ରେଞ୍ଚ ଓପନ୍‌ରେ ରନର୍ସଅପ୍ ହୋଇଥିବା ସିନ୍ଧୁ ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ନିଜର ଭଲ ଫର୍ମ ବଜାୟ ରଖିଛନ୍ତି ଏବଂ ଆରମ୍ଭରୁ ହିଁ ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ରଖିଥିଲେ।

ପୁରୁଷ ସିଙ୍ଗଲ୍ସରେ ସପ୍ତମ ସୀଡ୍ ପ୍ରାପ୍ତ ଲକ୍ଷ୍ୟ ସେନ୍‌ଙ୍କୁ ଫିନଲ୍ୟାଣ୍ଡର ଜୋଆକିମ୍ ଓଲଡୋର୍ଫଙ୍କ ବିପକ୍ଷରେ କଡ଼ା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା। ସେନ୍ ପ୍ରଥମ ଗେମ୍‌କୁ ୧୬-୨୧ ରେ ହାରି ଯାଇଥିଲେ, କିନ୍ତୁ ଏହା ପରେ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଭାରତୀୟ ଖେଳାଳି ଦ୍ୱିତୀୟ ଗେମ୍‌କୁ ୨୧-୯ ଏବଂ ତୃତୀୟ ଗେମ୍‌କୁ ୨୧-୧୩ ରେ ଜିତି ମ୍ୟାଚ୍‌କୁ ନିଜ ନାମରେ କରି ନେଇଥିଲେ। ଏହିପରି ଭାବେ ସେ ତିନୋଟି ଗେମ୍ ପର୍ଯ୍ୟନ୍ତ

ଚାଲିଥିବା ଏହି ମ୍ୟାଚ୍‌ରେ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିରଣ ଜର୍ଜ ମଧ୍ୟ ପୁରୁଷ ସିଙ୍ଗଲ୍ସରେ ବିଜୟ ହାସଲ କରିଛନ୍ତି। ସେ ମାଲେସିଆର ଚିମ୍ ଜୁନ୍ ୱେଇଙ୍କୁ ୨୧-୧୮, ୨୧-୧୭ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ପୋପୋଭ୍‌ଙ୍କଠାରୁ ହାରିଲେ ଏଚ୍‌ଏସ୍ ପ୍ରଣୟ : ଭାରତର ଅଭିଜ୍ଞ ସଟଲର୍ ଏଚ୍‌ଏସ୍ ପ୍ରଣୟଙ୍କ ଅଭିଯାନ ପ୍ରଥମ ରାଉଣ୍ଡରେ ହିଁ ଶେଷ ହୋଇଯାଇଛି। ତାଙ୍କୁ ଫ୍ରାନ୍ସର ଷଷ୍ଠ ସୀଡ୍ ପ୍ରାପ୍ତ ଟୋମା ଜୁନିୟର ପୋପୋଭ୍ ୨୩-୨୧, ୨୧-୧୬ ରେ ପରାସ୍ତ କରିଛନ୍ତି। ପ୍ରଣୟ ପ୍ରଥମ ଗେମ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଅଗ୍ରଣୀକୁ ବିଜୟରେ ପରିଣତ କରିପାରି ନଥିଲେ। ପୋପୋଭ୍ ଦ୍ୱିତୀୟ ଗେମ୍ ଜିତି ମ୍ୟାଚ୍‌କୁ ନିଜ ନାମରେ କରି ନେଇଥିଲେ। ପୁରୁଷ ସିଙ୍ଗଲ୍ସରେ ତରୁଣ ମାନ୍ନେପଲ୍ଲୀ ଏବଂ ଶଙ୍କର ସୁବ୍ରମଣ୍ୟନ୍‌ଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ତରୁଣଙ୍କୁ ଚାଇନିଜ୍ ତାଇପେର ଚି ୟୁ ଜେନ୍ ଏବଂ ଶଙ୍କରଙ୍କୁ ଫିନଲାଣ୍ଡର କାଲେ କୋଲଜୋନେନ୍ ପରାସ୍ତ କରିଛନ୍ତି। ଅନ୍ୟପଟେ ଆୟୁଷ ଶେଟ୍ଟୀ ଆହତ ଜନିତ ସମସ୍ୟା କାରଣରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ହିଁ ଓହରି ଯାଇଥିଲେ। ଗତ ସପ୍ତାହରେ ଫ୍ରେଞ୍ଚ ଓପନ୍ ଚାଲିଥିବା ସମୟରେ ସେ ଆହତ ହୋଇଥିଲେ।

ମହିଳା ସିଙ୍ଗଲ୍ସରେ ଷଷ୍ଠ ସୀଡ୍ ପ୍ରାପ୍ତ ଉନ୍ନତି ହୁଡ୍ଡା ପ୍ରଥମ ଗେମ୍ ହାରିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଚେକ୍ ଗଣରାଜ୍ୟର ଟେରେଜା ସ୍ୱାବିକୋଭାଙ୍କୁ ୧୭-୨୧, ୨୧-୧୨, ୨୧-୧୧ ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଇଶରାଣୀ ବରୁଆ ଜର୍ମାନୀର ମିରାଣ୍ଡା ୱିଲସନଙ୍କୁ ୨୧-୧୯, ୨୧-୯ ରେ ପରାସ୍ତ କରିଛନ୍ତି। ଅନ୍ୟପଟେ, ଅନମୋଲ ଖରବ ଶ୍ରୀଲଙ୍କାର ରନିଥମା ଲିୟାନାଗେଙ୍କୁ ଏକ କଡ଼ା ମ୍ୟାଚ୍‌ରେ ୨୧-୧୮, ୨୨-୨୦ ରେ ହରାଇ ପରବର୍ତ୍ତୀ ରାଉଣ୍ଡର ଟିକେଟ୍ ହାସଲ କରିଛନ୍ତି।

ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ମାଳବିକା ବଂଶୋଦ୍ ନିଜ ଦେଶର ଦେବିକା ସିହାଗଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ମାଳବିକା ପ୍ରଥମ ଗେମ୍‌କୁ ୧୮-୨୧ ରେ ହାରି ଯାଇଥିଲେ, କିନ୍ତୁ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ଗେମ୍ ୨୧-୧୦ ଏବଂ ତୃତୀୟ ଗେମ୍ ୨୧-୧୪ ରେ ଜିତି ନେଇଥିଲେ। ଏହି ବିଜୟ ସହ ସେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ଅଶ୍ମିତା ଚାଲିହା ପ୍ରଥମ ଗେମ୍ ଜିତିବା ସତ୍ତ୍ୱେ ପରାଜୟର ସାମ୍ନା କରିଛନ୍ତି। ତାଙ୍କୁ ବୁଲଗେରିଆର କାଲୋୟାନା ନାଲବାଣ୍ଟୋଭା ୧୮-୨୧, ୨୧-୧୨, ୨୧-୮ ରେ ପରାସ୍ତ କରିଛନ୍ତି। ଅନ୍ୟପଟେ ଆକର୍ଷୀ କଶ୍ୟପଙ୍କୁ ୟୁକ୍ରେନର ପୋଲିନା ବୁହରୋଭା ସିଧାସଳଖ ଗେମ୍‌ରେ ୨୧-୧୨, ୨୧-୧୮ ରେ ପରାସ୍ତ କରିଛନ୍ତି। ଏହିପରି ଭାବେ ହାଇଲୋ ଓପନ୍‌ର ପ୍ରାରମ୍ଭିକ ରାଉଣ୍ଡରେ ଭାରତୀୟ ଖେଳାଳିମାନଙ୍କର ମିଶ୍ରିତ ପ୍ରଦର୍ଶନ ଦେଖିବାକୁ ମିଳିଛି। ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍‌ଙ୍କ ସମେତ ଅନେକ ଖେଳାଳି ବିଜୟ ସହ ନିଜର ଅଭିଯାନ ଆଗକୁ ବଢ଼ାଇଥିବା ବେଳେ ପ୍ରଣୟଙ୍କ ସମେତ କିଛି ଖେଳାଳିଙ୍କ ହାଇଲୋ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଯାତ୍ରା ଶେଷ ହୋଇଯାଇଛି।

ନ୍ୟୁଜିଲାଣ୍ଡକୁ ଝଟକା : ଶେଷ ଦୁଇ ଟ୍ୱେଣ୍ଟି-୨୦ ଖେଳିବେନି ହେନରି, ଫର୍ଗୁସନ

ଅକ୍‌ଲାଣ୍ଡ

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ସଂପ୍ରତି ୦-୩ରେ ପଛରେ ରହିଥିବା ଘରୋଇ ଦଳ ନ୍ୟୁଜିଲାଣ୍ଡକୁ ଶେଷ ଦୁଇ ମୁକାବିଲା ପୂର୍ବରୁ ଯୁଗଳ ଝଟକା ଲାଗିଛି। ଦୁଇ ତାରକା ଦ୍ରୁତ ବୋଲର ମ୍ୟାଟ୍ ହେନରି ଓ ଲୁକି ଫର୍ଗୁସନ୍ ଆହତ ଯୋଗୁଁ ଶୁକ୍ରବାର ଓ ସୋମବାର ଖେଳାଯିବାକୁ ଥିବା ଶେଷ ଦୁଇ ମ୍ୟାଚ୍ ଖେଳିପାରିବେନି। ଦ୍ୱିତୀୟ ଟ୍ୱେଣ୍ଟି-୨୦ ବେଳେ ଫର୍ଗୁସନ୍‌ଙ୍କ ପେଣ୍ଡାରେ ଆଘାତ ଜନିତ ସମସ୍ୟା ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ତାଙ୍କ ସାଥୀ ହେନରି ବି ଆହତ ହୋଇଥିଲେ। ଉଭୟଙ୍କୁ ସୁସ୍ଥ ହେବାକୁ ପ୍ରାୟ ଦୁଇ ସପ୍ତାହ ଲାଗିଯିବ। ହେଲେ ଉଭୟ ନଭେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ଶୃଙ୍ଖଳା ବେଳକୁ ଫେରିଆସି ଥିବେ ବୋଲି ଆଶା ରଖିଛନ୍ତି ନ୍ୟୁଜିଲାଣ୍ଡ ପ୍ରଶିକ୍ଷକ ରବ୍ ୱାଲଟର।

ନ୍ୟୁଜିଲାଣ୍ଡର ଶେଷ ଦୁଇ ଟ୍ୱେଣ୍ଟି-୨୦ ଦଳ : ମିଚେଲ ସାଣ୍ଟନର (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ ବ୍ରେସ୍‌ୱେଲ, ମାର୍କ ଚାପମାନ, ଜୋସ କ୍ଲାର୍କସନ, ଡେଭନ କନଓ୍ୱେ, ଜାକବ ଡଫି, ମ୍ୟାଟ୍ ଫିଶର, ଜାକ୍ ଫକ୍ସ, ବେଭନ ଜାକବ୍ସ, ଆଦମ ମିଲ୍‌ନେ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଟିମ୍ ସେଫର୍ଟ, ନାଥନ ସ୍ମିଥ, ବ୍ଲେୟର ଟିକ୍‌ନର।

ଭୁବନେଶ୍ୱର : ଜୟଦେବ ଭବନରେ ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ ଏକକ ଫଟୋ ପ୍ରଦର୍ଶନୀ 'ଲେନ୍ସରେ ବିପର୍ଯ୍ୟୟ'କୁ ବୁଲି ଦେଖୁଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। (ଫଟୋ : ସମ୍ବାଦ କଳିକା)

ଡବ୍ଲୁପିଏଲରେ ସାମିଲ ହେବାରେ ସବୁଠୁ କମ୍ ବୟସର ଖେଳାଳି ହେଲେ ଉମା କାଶ୍ୱୀ

ନୂଆଦିଲ୍ଲୀ

ଓମେନ୍ସ ପ୍ରିମିୟର ଲିଗ୍ ୨୦୨୭ ପାଇଁ ଅନୁଷ୍ଠିତ ମିନି ଅକ୍ସନରେ କର୍ଣ୍ଣାଟକର ଯୁବ ଅଲରାଉଣ୍ଡର ଉମା କାଶ୍ୱୀ ଏକ ବଡ଼ ଇତିହାସ ରଚିଛନ୍ତି। ମାତ୍ର ୧୫ ବର୍ଷ ବୟସରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୧୦ ଲକ୍ଷ ଟଙ୍କାର ମୂଳ ମୂଲ୍ୟ ଦେଇ କିଣିଛି। ଏହି କ୍ରୟ ସହିତ ସେ ଡବ୍ଲୁପିଏଲ ଇତିହାସରେ ସବୁଠାରୁ କମ୍ ବୟସରେ ଚୁକ୍ତିବଦ୍ଧ ହୋଇଥିବା ପ୍ରଥମ ଖେଳାଳି ହୋଇପାରିଛନ୍ତି।

ଉମା କାଶ୍ୱୀ ହେଉଛନ୍ତି କର୍ଣ୍ଣାଟକର ଜଣେ ପ୍ରତିଭାବାନ ଯୁବ କ୍ରିକେଟର। ସେ ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ଏବଂ ଡାହାଣହାତୀ ଅଫ୍-ସ୍ପିନ୍ ବୋଲର୍ ଅଟନ୍ତି। ସେ ଘରୋଇ କ୍ରିକେଟରେ କର୍ଣ୍ଣାଟକ ଅଣ୍ଡର-୧୫ ଦଳର ଅଧିନାୟକତ୍ୱ କରିସାରିଛନ୍ତି। ଅଣ୍ଡର-୧୫ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରି ୫୧୬ ରନ୍ ସଂଗ୍ରହ କରିଥିଲେ, ଯାହା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ଏହା ବ୍ୟତୀତ ସେ ଭାରତୀୟ ଅଣ୍ଡର-୧୯ ଦଳ ପକ୍ଷରୁ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ପ୍ରତିନିଧିତ୍ୱ କରି ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି।

ଉମା କାଶ୍ୱୀଙ୍କ ଜନ୍ମ ୯ ଅପ୍ରେଲ ୨୦୧୧ରେ ହୋଇଥିଲା। ରୋଚକ କଥା ହେଉଛି, ଭାରତ ଯେବେ ୨୦୧୧ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଜିତିଥିଲା, ତାହାର ଠିକ୍ ଗୋଟିଏ ସପ୍ତାହ ପୂର୍ବରୁ ତାଙ୍କର ଜନ୍ମ ହୋଇଥିଲା। ପୁରୁଷ କ୍ରିକେଟରେ ଯେପରି ଆଇପିଏଲ୍‌ରେ ୧୩-୧୫ ବର୍ଷ ବୟସରେ ଖେଳି ଚର୍ଚ୍ଚାକୁ ଆସିଥିବା ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ (ଯାହାଙ୍କ ଜନ୍ମ ମଧ୍ୟ ୨୦୧୧ ମସିହାରେ ହୋଇଛି) ଇତିହାସ ରଚିଥିଲେ, ଠିକ୍ ସେହିପରି ମହିଳା କ୍ରିକେଟରେ ଉମା କାଶ୍ୱୀ ପ୍ରତିନିଧିତ୍ୱ କରି ଡବ୍ଲୁପିଏଲରେ ଏହି ସଫଳତା ହାସଲ କରିଛନ୍ତି।

ମୁମ୍ବାଇ ଇଣ୍ଡିଆନ୍ସରେ ବଡ଼ ଧରଣର ପରିବର୍ତ୍ତନ : ଦଳରୁ ବିଦା ହେଲେ ୩ କୋଚ୍ !

ମୁମ୍ବାଇ

ଆଇପିଏଲ୍ ୨୦୨୭ ସିଜନ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଲଗାତାର ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି କ୍ରମରେ ବର୍ତ୍ତମାନ ଫ୍ରାଞ୍ଚାଇଜ୍ ନିଜ ସପୋର୍ଟ ଷ୍ଟାଫ୍‌ରୁ ତିନିଟି ବଡ଼ ନାମକୁ ବାଦ୍ ଦେଇଛି। ମୁମ୍ବାଇ ବୋଲିଂ କୋଚ୍ ଲସିଥ୍ ମାଲିଙ୍ଗା ଏବଂ ପାରସ ମହାମ୍ବ୍ରେଙ୍କ ସହିତ ଫିଲ୍ଡିଂ କୋଚ୍ କାର୍ଲ ହପକିନ୍ସନ୍‌ଙ୍କୁ ମଧ୍ୟ ନିଜର କୋଚିଂ ସେଟ୍‌ଅପ୍‌ରୁ ହଟାଇ ଦେଇଛି। ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର (୨୯ ଅକ୍ଟୋବର) ଏହି ବଡ଼ ପରିବର୍ତ୍ତନ ବିଷୟରେ ଆଧିକାରିକ ଭାବେ ସୂଚନା ଦେଇଛି। ଆଗାମୀ ସିଜନ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ଲଗାତାର ନିଜ କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରୁଛି। ମୁମ୍ବାଇ ନିକଟରେ ଶ୍ରୀଲଙ୍କାର ଭେଟେରାନ୍ କ୍ରିକେଟର ମହେଲା ଜୟବର୍ଦ୍ଧନେଙ୍କୁ ମୁଖ୍ୟ କୋଚ୍ ପଦରୁ ହଟାଇ ଦେଇଥିଲା ଏବଂ ତାଙ୍କ ସ୍ଥାନରେ କିରଣ ପୋଲାର୍ଡଙ୍କୁ ଦଳର ନୂଆ ମୁଖ୍ୟ କୋଚ୍ ବନାଇଥିଲା। ବର୍ତ୍ତମାନ ଫ୍ରାଞ୍ଚାଇଜ୍ ମାଲିଙ୍ଗା, ମହାମ୍ବ୍ରେ ଓ ହପକିନ୍ସନ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ଦିନ ଏହି ବଡ଼ ଘୋଷଣା କରି ଜଣାଇଛି ଯେ ଲସିଥ୍ ମାଲିଙ୍ଗା, ପାରସ ମହାମ୍ବ୍ରେ ଓ କାର୍ଲ ହପକିନ୍ସନ୍ ଦଳର କୋଚିଂ ସେଟ୍‌ଅପ୍‌ରେ ନିଜ ନିଜ ଭୂମିକାରୁ ହଟୁଛନ୍ତି। ଫ୍ରାଞ୍ଚାଇଜ୍ ଏହି ତିନିଜଣଙ୍କ ଅବଦାନକୁ ପ୍ରଶଂସା କରୁଛି ଏବଂ ସେମାନଙ୍କ ସେବା ପାଇଁ ଧନ୍ୟବାଦ ଜଣାଇଛି। ସୂଚନାଯୋଗ୍ୟ ଯେ ମାଲିଙ୍ଗା ବିଗତ ଅନେକ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ୍ସ ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛନ୍ତି। ସେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ସାମିଲ ଥିଲେ। ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସକୁ ଚାରିଟି ଆଇପିଏଲ୍ ଟ୍ରଫି ଏବଂ ୨୦୧୧ ଚାମ୍ପିଅନ୍ସ ଲିଗ୍ ଟି୨୦ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଖେଳାଳି ଭାବରେ ଚମତ୍କାର ପ୍ରଦର୍ଶନ କରିବା ପରେ ମାଲିଙ୍ଗା ମେଣ୍ଟର ଏବଂ କୋଚ୍‌ର ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ଫ୍ରାଞ୍ଚାଇଜ୍ ତାଙ୍କ ଅବଦାନକୁ ମନେପକାଇ କହିଛି ଯେ, "ମାଲିଙ୍ଗାଙ୍କର ମୁମ୍ବାଇ ଇଣ୍ଡିଆନ୍ସ ସହ ଯାତ୍ରା ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା। ଦଳ ପ୍ରତି ତାଙ୍କର ସମର୍ପଣ, ପ୍ରତିଯୋଗିତାମୂଳକ ମନୋଭାବ ଏବଂ ଦଳ ପ୍ରତି ଥିବା ପ୍ରତିବଦ୍ଧତା ଅନେକ ପିଢ଼ିର ଖେଳାଳିମାନଙ୍କୁ ପ୍ରେରିତ କରିବ।" ସେହିପରି ପାରସ ମହାମ୍ବ୍ରେ ପ୍ରଥମ ଥର ପାଇଁ ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ମୁମ୍ବାଇ ଇଣ୍ଡିଆନ୍ସ ସହ ଜଡ଼ିତ ଥିଲେ। ଏହାପରେ ୨୦୨୪ରେ ସେ ଫ୍ରାଞ୍ଚାଇଜ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜର ଉଭୟ କାର୍ଯ୍ୟକାଳ ମଧ୍ୟରେ ସେ ଦଳର ବୋଲିଂ ବିଭାଗକୁ ମଜଭୁତ କରିବାରେ ଏବଂ ପ୍ରତିଭାବାନ ବୋଲରମାନଙ୍କୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫ୍ରାଞ୍ଚାଇଜ୍ ତାଙ୍କର ସମର୍ପଣ, ଖେଳାଳିମାନଙ୍କ ପ୍ରତିଭାକୁ ବିକଶିତ କରିବାର କ୍ଷମତା ଏବଂ ଦଳର ସଦସ୍ୟମାନଙ୍କ ସହ ଗଢ଼ିଥିବା ମଜବୁତ ସମ୍ପର୍କକୁ ପ୍ରଶଂସା କରିଛି। ଅନ୍ୟପଟେ କାର୍ଲ ହପକିନ୍ସନ୍ ଆଇପିଏଲ୍ ୨୦୨୫ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର ଫିଲ୍ଡିଂ କୋଚ୍ ବନିଥିଲେ। ଫ୍ରାଞ୍ଚାଇଜ୍ ତାଙ୍କର ପ୍ରୋଫେସନାଲ୍ ମନୋଭାବ, ଅଭିଜ୍ଞତା ଏବଂ ସମର୍ପଣକୁ ପ୍ରଶଂସା କରି କହିଛି ଯେ ତାଙ୍କ ଅବଦାନ ଦ୍ୱାରା ଦଳର ଫିଲ୍ଡିଂ ସ୍ତରକୁ ଉନ୍ନତ କରିବାରେ ସାହାଯ୍ୟ ମିଳିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଶେଷରେ ଏହି ତିନିଜଣଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ଅବଦାନ ଏବଂ ସେବା ପାଇଁ କୃତଜ୍ଞତା ବ୍ୟକ୍ତ କରିଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, MOHANA

Near Civil Court, Mohana
761015, Gajapati
Email.rwdmohana@gmail.com

No. 5016 Date 27-10-2026 25001/1407/2627

1st CORRIGENDUM

In continuation to this office bid identification No.Online Tender 14/MOHANA/2026-27 Invited vide this office letter no.4763 dtd 14.10.2026, partial modification of TCN has been made as follows.

Sl. No.	Item	Time schedule as per Original TCN	Time schedule as per Corrigendum Notice
1	Availability to tender online for bidding	Dt. 27.10.2026 at 11.00 A.M. to Dt. 09.11.2026 Up to 5.00 P.M.	Dt. 07.11.2026 at 11.00 A.M. to Dt. 17.11.2026 Up to 5.00 P.M.
2	Date & time of seeking tender clarification if any	Dt. 05.11.2026 up to 5.00 P.M.	Dt. 11.11.2026 Up to 5.00 P.M.
3	Date & time of opening of tender (Price Bid)	Dt. 10.11.2026 at 11.00 A.M.	Dt. 18.11.2026 at 11.00 A.M

All other terms and conditions are remain unchanged.

Sd/- Executive Engineer
RW Division, Mohana

OIPR-25001/25148/1/26-27/0026

KDA

13001/2290/2627

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ-୫-1F/99 ଟିକୁ ଶଶିରେଖା ମଲ୍ଲିକ@ ଦାସ, ସ୍ୱାମୀ- ରାଜୀବ ଲୋଚନ ମଲ୍ଲିକ, ସା-କୁଳସାମନ୍ତରାପୁର, ପୋ- ସାମନ୍ତରାପୁର, ଥା-ତିର୍ତ୍ତୋଲ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶଶିରେଖା ମଲ୍ଲିକ@ ଦାସଙ୍କ ମୃତ୍ୟୁ ପରେ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ସ୍ୱାମୀ ରାଜକିଶୋର ଦାସ, ପିତା-ସ୍ୱର୍ଗତ ବୈକୁଣ୍ଠ ଦାସ, ସା-ବୈଶଲ୍ୟକରଣୀ ଲେନ, ପୋ/ଥା-ମଧୁପାଟଣା, ଜିଲ୍ଲା-କଟକ-୭୫୩୦୧୦ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0131 ସ୍ୱା/-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

Government of Odisha Department of Water Resources
OFFICE OF THE SUPERINTENDING ENGINEER,
BOLANGIR IRRIGATION DIVISION, BOLANGIR
e-mail-ee.bol.irr@gmail.com
e-Procurement Notice No. 03 of 2026-27
BID IDENTIFICATION NO.- BID-BGR-03 of 2026-27
No. 5080 /Dated 27.10.2026

32001/1180/2627

The **Superintending Engineer, Balangir Irrigation Division, Balangir** on behalf of his Excellency. Governor of Odisha invites online **Percentage rate tenders in Single cover system** to be received in online m only for the works as detailed below. Bid documents consisting of work, estimated cost, cost of tender paper, El time of completion, class of contractor, the set of terms & conditions of contract and other necessary documents be seen in e-Procurement portal www.tendersorissa.gov.in in complete online process only.

1. Nature of work : Civil Works
2. Number of works : 1 (One)
3. Approximate amount put to tender. : Rs.18.18 lakh
4. Period of completion : 04(Four) Calendar months.
5. Date & time of availability of Bid document in the portal : Dt 02.11.2026-10.00 AM to 13.11.2026 up to 5.30 PM
6. Last date & time of seeking Tender clarification. : Dt 13.11.2026 - up to 5.30 PM.
7. Last date & time of receipt of Bids in the portal. : Dt 13.11.2026 - up to 5.30 PM
8. Date, time & place of opening of bids in the portal. : Dt. 16.11.2026 at 11.00 AM- in the office of the Superintending, Balangir Irrigation Division Balangir
9. Name & address of the officer Inviting bid. : Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002.
10. Any corrigendum required will be made available in Govt. web-site only. Further details can be seen from the e-procurement portal- https://tendersorissa.gov.in

Sd/- SUPERINTENDING ENGINEER
BALANGIR IRRIGATION DIVISION BALANGIR

OIPR-32001/32537/1/26-27/0002

ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର କାର୍ମିକ ବିଭାଗ ପକ୍ଷରୁ ଖୋର୍ଦ୍ଧା ରୋଡ୍‌ସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ବୈଠକ କକ୍ଷରେ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇ ଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ଏହି ଆଲୋଚନାଚକ୍ରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ମାନବିକୀ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଅମରେନ୍ଦ୍ର ଦାସ ଉଦ୍‌ବୋଧନ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀମାନେ ସର୍ବୋଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା ସହ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ମନୋବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉଦାହରଣ ଦେଇ ସରକାରୀ କାର୍ଯ୍ୟରେ ନୈତିକ ନିଷ୍ପତ୍ତି ଗ୍ରହଣ ଓ ଦାୟିତ୍ୱପୂର୍ଣ୍ଣ ଆଚରଣର ଗୁରୁତ୍ୱ ବୁଝାଇଥିଲେ।

ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଅଧିକାରୀ, ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସେମାନେ ସଂଗଠନର କାର୍ଯ୍ୟଧାରାରେ ସତର୍କତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

୨୦୨୬ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁକୁ ନେଇ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି, ସୁଶାସନକୁ ସୁଦୃଢ଼ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ଏହି ବିଷୟବସ୍ତୁ ପ୍ରତିଫଳିତ କରୁଛି। ରେଳ କର୍ମଚାରୀଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ନିଜ କର୍ତ୍ତବ୍ୟକୁ ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ ସମ୍ପାଦନ କରିବାକୁ ଉତ୍ସାହିତ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୧ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଯୋଜିତ ହୋଇଥିଲା। ଶେଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୨ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସତର୍କତା ସଚେତନତା ସପ୍ତାହ ଅବସରରେ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ୱାକାଥନ୍ ଆୟୋଜିତ

ରାୟଗଡା, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୬ ଅବସରରେ ଏକ ୱାକାଥନ୍ ଆୟୋଜନ କରାଯାଇଥିଲା। ଅକ୍ଟୋବର ୨୬ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ସପ୍ତାହର ବିଷୟବସ୍ତୁ ହେଉଛି "ସମୃଦ୍ଧି ପାଇଁ ସତ୍ୟନିଷ୍ଠା"। ସରକାରୀ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ କାର୍ଯ୍ୟକ୍ଷେତ୍ରରେ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂହଲ ଉପସ୍ଥିତ ରହି ସରକାରୀ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ରେଳ କର୍ମଚାରୀମାନଙ୍କୁ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଓ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଉତ୍ସାହିତ କରିଥିଲେ। ଏହି ୱାକାଥନ୍‌ରେ ରାୟଗଡ଼ା ରେଳମଣ୍ଡଳର ବିଭିନ୍ନ ଶାଖାର ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ରେଳ ଅଧିକାରୀ ଓ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ୱାକାଥନ୍‌ଟି ରେଳବାଇ କଲୋନୀ, ରେଳବାଇର ବିଭିନ୍ନ କାର୍ଯ୍ୟାଳୟ ଓ ରାୟଗଡ଼ାର ସାଧାରଣ ଜନସମାଗମ ସ୍ଥଳ ଦେଇ ଅତିକ୍ରମ କରିଥିଲା। ଏହା ମାଧ୍ୟମରେ ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସଚ୍ଚୋଟତା, ନିଷ୍ଠା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରସାର କରାଯାଇଥିଲା। ଏହି ପଦକ୍ଷେପ ଦୁର୍ନୀତିମୁକ୍ତ କାର୍ଯ୍ୟପରିବେଶ ଗଠନ ଏବଂ ଭାରତୀୟ ରେଳବାଇ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସୁଦୃଢ଼ କରିବା ପାଇଁ ରେଳ କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ରେଳମଣ୍ଡଳର କାର୍ଯ୍ୟକାରୀ କାର୍ମିକ ଅଧିକାରୀ ଶ୍ରୀ ଦିଗମ୍ବର ପାଢ଼ୀ ସଂଯୋଜନା କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ୱାକାଥନ୍ ?ଟି ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେଳ କର୍ମଚାରୀଙ୍କ ମଧ୍ୟରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନିଜ କର୍ତ୍ତବ୍ୟ ପ୍ରତି ଉତ୍ତରଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହୋଇଥିଲା। ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ରାୟଗଡ଼ା ରେଳମଣ୍ଡଳ ସୁଶାସନକୁ ପ୍ରୋତ୍ସାହନ, ଦୁର୍ନୀତି ନିବାରଣ ଏବଂ ରେଳ ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁ ଏହି ବାର୍ତ୍ତା ଦେଇଥାଏ ଯେ ସଚ୍ଚୋଟତା, ନୈତିକ ଆଚରଣ ଓ ଉତ୍ତରଦାୟିତ୍ୱ ହେଉଛି ଦେଶର ସ୍ଥାୟୀ ପ୍ରଗତି ଓ ସମୃଦ୍ଧିର ମୂଳ ଆଧାର।

ଜଲେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ସ୍ଥିତ ଜଲେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ ପରିଦର୍ଶନ କରି ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ପାଠ୍ୟକ୍ରମ ଏବଂ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଭୂମି ଏବଂ ଆଦ୍ୟ ସାଧନା ପୀଠ ଭାବେ ପରିଚିତ ଏହି ଆଶ୍ରମରେ ଆଦିବାସୀ କନ୍ୟାମାନଙ୍କର ସଂସ୍କାର, ଶିକ୍ଷା, ନୈତିକ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଜାଗରଣ ପାଇଁ କରାଯାଉଥିବା ନିରନ୍ତର ପ୍ରଚେଷ୍ଟା ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଛନ୍ତି।

ଏସବିଆଇ ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୬ ପାଳନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସତର୍କତା ସଚେତନତା ସପ୍ତାହ-୨୦୨୬ ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ୨୮ ଅକ୍ଟୋବର ୨୦୨୬ ତାରିଖରେ "ପ୍ରଶାସନରେ ସତର୍କତାର ବିଭିନ୍ନ ଦିଗ" ଶୀର୍ଷକ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ପୋଲିସ ତାଲିମ ଏକାଡେମିର ପୋଲିସ ମହାନିରୀକ୍ଷକ ଅନୁପ କୁମାର ସାହୁ, ଆଇପିଏସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନେଟୱର୍କ-ଓ୍ୱାନ ମହାପ୍ରବନ୍ଧକ ଶ୍ରୀ ପ୍ରବୁଦ୍ଧ କୁମାର, ନେଟୱର୍କ-ଓର ମହାପ୍ରବନ୍ଧକ ଡଃ ବନ୍ଦନା ଅଗ୍ରୱାଲ ଏବଂ ସତର୍କତା ବିଭାଗର ଉପମହାପ୍ରବନ୍ଧକ ଶ୍ରୀ ସନ୍ଦୀପ ମୁନ୍ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ଶ୍ରୀ ଅନୁପ କୁମାର ସାହୁ ଏକ ସଂଗଠନର ସାଧାରଣ ଜନତାଙ୍କ ଆଶା ଓ ଆକାଂକ୍ଷା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ପ୍ରଶାସନରେ ସତର୍କତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ଆଭ୍ୟନ୍ତରୀଣ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ଓ କଥକ ନୃତ୍ୟର ମନୋରମ ସାଂସ୍କୃତିକ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସତର୍କତା ସଚେତନତା ସପ୍ତାହ ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବକ୍ତୃତା, ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରଶାସନରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧର ପ୍ରସାର ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କେନ୍ଦ୍ର ସହାୟତା ...

ବାଦଲଫଟା ବର୍ଷା ଯୋଗୁଁ ହଠାତ୍ ଆସିଥିବା ବନ୍ୟା କାରଣରୁ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ଥିବା ସତ୍ତ୍ୱେ ପ୍ରଭାବିତ ଜନସାଧାରଣଙ୍କ ପାଖରେ ପ୍ରସାଶନ ପହଞ୍ଚି ସମସ୍ତ ପ୍ରକାରର ସେବା ଏବଂ ସହାୟତା ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ କଣ୍ଟ୍ରୋଲ ରୁମରୁ ଆଭାସୀ ମାଧ୍ୟମରେ ସମସ୍ତ ଉଦ୍ଧାର କାର୍ଯ୍ୟର ପ୍ରତ୍ୟକ୍ଷ ଭାବେ ତଦାରଖ କରିଛନ୍ତି।

ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଆକାଶମାର୍ଗରୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ କେନ୍ଦ୍ରୀୟ ଟିମ୍ ମଧ୍ୟ ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଗଞ୍ଜାମ, ଗଜପତି ଜିଲ୍ଲା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର ମଧ୍ୟ ନିରନ୍ତର ରାଜ୍ୟସରକାରଙ୍କ ସହ ସମ୍ପର୍କରେ ରହି ସମସ୍ତ ଆବଶ୍ୟକ ସହଯୋଗ ଯୋଗାଇ ଦେଉଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ପ୍ରଭାବିତ ଜିଲ୍ଲାରେ ସମ୍ପ୍ରତି ଅବସ୍ଥାପିତ ମନ୍ତ୍ରୀଗଣ ଏବଂ ବରିଷ୍ଠଅଧିକାରୀଙ୍କ ସହ ସ୍ଥାନୀୟ ଜନପ୍ରତିଧିମାନଙ୍କର ସହିତ ରାଜସ୍ୱ ମନ୍ତ୍ରୀ ନିୟମିତ ଫୋନ୍ ଯୋଗେ ଯୋଗାଯୋଗରେ ରହି ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଏସଆରସିଙ୍କ ସହଯୋଗରେ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଉଛନ୍ତି। ଏଥିସହିତ ମନ୍ତ୍ରୀ ଭାରତୀୟ ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରି ପ୍ରଭାବିତ ଅଞ୍ଚଳରେ ହେଲିକପ୍ଟର ଯୋଗେ ଜଳବନ୍ଦୀ ଜନସାଧାରଣଙ୍କ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା କରିଛନ୍ତି।

ପ୍ରଭାବିତ ଅଞ୍ଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚିବା ସମ୍ଭବପର ହେଉ ନାହିଁ, ସେ ସବୁ ଅଞ୍ଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାରଲିଫ୍ଟିଂ କରାଯାଇଛି। ଗଞ୍ଜାମ ଜିଲ୍ଲାର ବିପଦଜନକ ସ୍ଥାନରେ ଥିବା ପ୍ରଭାବିତ ଜନସାଧାରଣଙ୍କୁ ପର୍ଯ୍ୟାୟକ୍ରମେ କୋଷ୍ଟଗାର୍ଡ଼ ହେଲିକପ୍ଟର ଯୋଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି। ପ୍ରଭାବିତ ଜନସାଧାରଣଙ୍କ ନିମନ୍ତେ ରନ୍ଧା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଗଞ୍ଜାମ ଜିଲ୍ଲାର ପାତ୍ରପୁର ଠାରେ ୫୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରିଠାରେ ୪୬୨.୪ ମିମି ବର୍ଷା ରେକର୍ଡ଼ କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ ଆଦି ଜିଲ୍ଲାର ଅନେକ ଅଞ୍ଚଳରେ ୨୦୦ ମିମିରୁ ଅଧିକ ଅର୍ଥାତ୍ ଅତି ପ୍ରବଳ ବର୍ଷା ରେକର୍ଡ଼ ହୋଇଛି। ଗଞ୍ଜାମ ଜିଲ୍ଲାରେ ୪୫ଓଡ୍ରାଫ୍, ୭ଏନଡିଆରଏଫ୍, ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା,ଗୁଡ଼ ଓ ପଲିଥିନ୍ ରୋଲ୍ ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ଜିଲ୍ଲାରେ ୯୨୨ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ (୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ) ସହ ୪ଟି ଏସଆରସି ପାୱାର୍ ବୋଟ୍ ନିୟୋଜିତ ହୋଇଛି। ଉଦ୍ଧାରକାରୀ ବୋଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। କଳିଙ୍ଗା ଘାଟି ଏବଂ ବିଭିନ୍ନ ନଦୀ ଜଳ ଉପରେ ନିରନ୍ତର ନିରୀକ୍ଷଣ କରାଯାଉଛି।

ସେହିପରି ଗଜପତି ଜିଲ୍ଲାରେ ୧୨ ଓଡ୍ରାଫ୍, ୧ ଏନଡିଆରଏଫ୍ ଏବଂ ୧୨ ଅଗ୍ନିଶମ ଦଳ ପ୍ରସ୍ତୁତ ଥିବା ବେଳେ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି। ଗଜପତି ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ୍, ବଡ଼ନାଳ ଏବଂ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି। ବଂଶଧାରାରେ ଜଳସ୍ତର ୫୨.୫ ମିଟର ; ଯାହା ବିପଦ ସଙ୍କେତ (୫୪.୧୦ ମିଟର) ଠାରୁ ବହୁତ କମ୍ ଅଛି। ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। ରାୟଗଡ଼ା ଜିଲ୍ଲାରେ ୧୧ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୩ ଟି ସ୍ଥାୟୀ ଏବଂ ୧୩୧ ଅସ୍ଥାୟୀ (ମୋଟ ୧୩୪) ଆଶ୍ରୟସ୍ଥଳୀ ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ମଧ୍ୟ ପର୍ଯ୍ୟାପ୍ତ ମହଜୁଦ୍ ରହିଛି। ୧୪୮ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ ହୋଇ ସମସ୍ତ ବ୍ୟବସ୍ଥା ସହ ଗୁଣପୁର, ଗୁଡ଼ାରୀ ଏବଂ କେ. ସିଂହପୁରରେ ୩ଟି ଏସଆରସି ପାୱାର୍ ବୋଟ୍ ମହଜୁଦ୍ ରହିଛି। ୨୩୬ ଜଣ ଗର୍ଭବତୀ ମହିଳାଙ୍କୁ ପ୍ରଶାସନ ଦ୍ୱାରା ସ୍ଥାନାନ୍ତରିତ କରାଯାଇଛି।

ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୫ଟି ଓଡ୍ରାଫ୍ ଏବଂ ୭ଟି ଏନ୍.ଡି.ଆରଏଫ୍. ଦଳ ସମେତ ମୋଟ ୫୨ଟି ଦଳ ନିୟୋଜିତ ଅଛନ୍ତି। ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ୍ ଏବଂ ୧ଟି ଏନ୍.ଡି.ଆର.ଏଫ୍. ଦଳ ସହ ମୋଟ ୧୩ଟି ଦଳ କାର୍ଯ୍ୟରତ ଅଛନ୍ତି। ସମସ୍ତ ସ୍ଥାନକୁ ମିଶାଇ ସମଗ୍ର ରାଜ୍ୟରେ ୬୦ଟି ଓଡ୍ରାଫ୍ ଏବଂ ୯ଟି ଏନ୍.ଡି.ଆରଏଫ୍. ଦଳ (ସମୁଦାୟ ୬୯ଟି ଦଳ) ସମ୍ପୂର୍ଣ୍ଣ ଭାବେ ନିୟୋଜିତ ରହି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରୁଛନ୍ତି। ସେହିପରି ମୋଟ୍ ୨୪୪ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବାହିନୀ ସମଗ୍ର ରାଜ୍ୟରେ ନିୟୋଜିତ ରହି ଗଛ କାଟି ରାସ୍ତା ସଫା କରିବା, ଯୋଗାଯୋଗ ପୁନଃସ୍ଥାପନ କରିବା,ଉଦ୍ଧାର ଏବଂ ସ୍ଥାନାନ୍ତରଣ କାର୍ଯ୍ୟ ସୁନିଶ୍ଚିତ କରୁଛନ୍ତି। ସମସ୍ତ ଉଦ୍ଧାରକାରୀ ଦଳ ୨୪ଘଣ୍ଟା କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଛି। ବିପଦସଙ୍କୁଳ ଅଞ୍ଚଳରୁ ମୋଟ୍ ୫୯,୦୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୮୩୦ଟି ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଗଞ୍ଜାମ,ଗଜପତି ଜିଲ୍ଲା। ଗଜପତି ଜିଲ୍ଲାରେ ୧୭,୪୪୧ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୨୯୮ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି। ଏହା ପଛକୁ ମାଲକାନଗିରିରେ ୧୫,୪୭୭, ଗଞ୍ଜାମରେ ୧୧,୮୮୨ ଏବଂ ନବରଙ୍ଗପୁରରେ ୧୦,୫୧୯ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। କୋରାପୁଟ ଜିଲ୍ଲାରେ ପଟାଙ୍ଗି-ଗାଲିଗବଦର ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା, ଯାହାକି ବର୍ତ୍ତମାନ ସ୍ୱାଭାବିକ ହୋଇଛି। ଗଜପତି ଜିଲ୍ଲାର ମୋହନା, ଉଦୟଗିରି ଏବଂ ରାୟଗଡ଼ ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ୪ଟି ସ୍ଥାନରେ ରାସ୍ତା ବନ୍ଦ ହୋଇଯାଇଥିବା ବେଳେ ଜଳସ୍ତର ଅନୁଧ୍ୟାନ କରାଯାଇ ଆବଶ୍ୟକ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ବନ୍ୟା ଓ ବର୍ଷା ଯୋଗୁଁ ରାଜ୍ୟ ସରକାର ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।

ସେହିପରି ବିଶାଖାପାଟଣା ଡ଼ିଭିଜନର ଇଚ୍ଛାପୁରମ - ଝଡୁପୁଡ଼ି ସେକ୍ସନ ମଧ୍ୟରେ ଅନେକ ସ୍ଥାନରେ ରେଳପଥ ଜଳବନ୍ଦୀ ହୋଇଥିବା ବେଳେ ୯ ଟି ଟ୍ରେନର ଯାତ୍ରା ସ୍ଥଗିତ ରଖାଯାଇଥିବା ବେଳେ ୧୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ସେହିପରି ଓଡ଼ିଶାର ପାଞ୍ଚଟି ସ୍ଥାନରେ ପ୍ରଭାବିତ ଗତିପଥ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଛି।

ସମଗ୍ର ରାଜ୍ୟରେ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃସ୍ଥାପନକୁ ଗୁରୁତ୍ୱ ଦିଆଯାଇ ପ୍ରଭାବିତ ୩୧୬ ୩୩କେଭି ଷ୍ଟେସନରୁ ୨୯୮ଟି ଷ୍ଟେସନରେ ପୁନଃସ୍ଥାପନ ହୋଇ ଇତିମଧ୍ୟରେ ପ୍ରାୟ ୮୪% ବିଦ୍ୟୁତ୍ ସଂଯୋଗ ହୋଇଯାଇଛି।

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ବୋଲି ସୂଚନା ଦେଇଛନ୍ତି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ। ଗଣମାଧ୍ୟମକୁ ସୂଚନା ଦେଇ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ ଗଞ୍ଜାମରେ ଏତେ ବର୍ଷା ହେବ ବୋଲି ଆକଳନ କରି ନ ଥିଲୁ। ବର୍ତ୍ତମାନ ଋଷିକୁଲ୍ୟା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ପୁରୁଷୋତମପୁରରେ ବିପଦ ସଂକେତ ୧୭ମି. ଉପରେ ଜଳସ୍ତର ୧୯ମି. ରହିଛି। ଗଞ୍ଜାମରେ ବନ୍ୟା ସ୍ଥିତିରେ ସୁଧାର ଆସିପାରେ। ଅନ୍ୟପକ୍ଷରେ ବଂଶଧାରା ଜଳସ୍ତର କମିବା ଆରମ୍ଭ କରିଛି ମାତ୍ର ରୁଷିକୁଲ୍ୟା ଉପରେ ନଜର ରହିଛି। ବାହୁଦା ନିକଟରେ ରେଲୱେ ବ୍ରିଜ୍ କୁ ପାଣି ଲାଗି ଯାଇଥିବା ସୂଚନା ମିଳିଛି।

ପୁଣି ଲଘୁଚାପ

ଭୁବନେଶ୍ୱର, ୨୯।୧୦: ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଆଉ ଏକ ଲଘୁଚାପ। ଏହା ୨୪ ଘଣ୍ଟାରେ ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତ ହେବା ସମ୍ଭାବନା ରହିଛି। ଓଡ଼ିଶାରେ ଏହାର ପ୍ରଭାବ କ'ଣ ରହିବ ସ୍ପଷ୍ଟ ସୂଚନା ନାହିଁ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାଜ୍ୟର ବିଭିନ୍ନ ଜିଲାରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି।

ୟୁକ୍ରେନ ଟ୍ରେନ୍ ...

ନିଶ୍ଚିତ ହୋଇଛି। ମୁଁ ସେମାନଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ମୋର ସମବେଦନା ପ୍ରକାଶ କରୁଛି। ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସମସ୍ତ ଜରୁରୀକାଳୀନ ସେବା କାର୍ଯ୍ୟ ଚାଲିଛି। ରାଷ୍ଟ୍ରପତି କହିଛନ୍ତି, କିଛି ରୁଷୀୟ ଅଲିଗାର୍ଚ୍ ଏବଂ ରୁଷୀୟ ଶକ୍ତି କ୍ଷେତ୍ର ଉପରେ ପ୍ରତିବନ୍ଧକ ଉଠାଇବା ପରଠାରୁ ରୁଷ ଆମ ଲୋକଙ୍କ ବିରୁଦ୍ଧରେ କେତେ ଆତଙ୍କବାଦୀ ଆକ୍ରମଣ କରିଛି। ସେଥିପାଇଁ ୟୁକ୍ରେନ୍ ନିରନ୍ତର ଭାବରେ କହି ଆସୁଛି ଯେ ଋଷର ଆକ୍ରମଣର ଜବାବରେ ଆମେରିକା ଏବଂ ୟୁରୋପ ଉପଯୁକ୍ତ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେବା ଉଚିତ। ସେ ଆହୁରି ମଧ୍ୟ କହିଛନ୍ତି, ଯେପର୍ଯ୍ୟନ୍ତ ଏହି ଋଷ ଯୁଦ୍ଧ ଜାରି ରହିବ, ସେପର୍ଯ୍ୟନ୍ତ ମସ୍କୋ ଏବଂ ଏହାର ଯୁଦ୍ଧ ଯନ୍ତ୍ର ବିରୁଦ୍ଧରେ ପ୍ରତିବନ୍ଧକରେ କୌଣସି ଛାଡ଼ କରାଯିବା ଉଚିତ୍ ନୁହେଁ। ଏବେ ସମୟ ଆସିଛି ଇୟୁ, ଯୁକ୍ତରାଷ୍ଟ୍ର ଏବଂ ଜି୭ ନୂତନ ଏବଂ କଠୋର ପ୍ରତିବନ୍ଧକ ଲଗାଇବାର। ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି ଭାବରେ ସାହାଯ୍ୟ କରିବାକୁ ଇଚ୍ଛୁକ। ୟୁକ୍ରେନୀୟ ରେଳବାଇ ସୋସିଆଲ ମିଡିଆରେ ରିପୋର୍ଟ କରିଛି ଯେ ଯାତ୍ରୀବାହୀ ଟ୍ରେନ୍ ଜାପୋରିଝିଆ ଯିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଏକ ରୁଷ ଡ୍ରୋନ ଷ୍ଟେସନ ଉପରେ ଆକ୍ରମଣ କରିଛି। ୟୁକ୍ରେନ ରେଳବାଇ ଆହୁରି କହିଛି ଯେ ବିମାନ ଆକ୍ରମଣ ସତର୍କତା ଏବଂ ବର୍ଦ୍ଧିତ ବିପଦର ଘୋଷଣା ସତ୍ତ୍ୱେ, ଲୋକମାନେ ପ୍ଲାଟଫର୍ମରେ ରହିଥିଲେ।

ଉତ୍ତରାଖଣ୍ଡ ହୋଟେଲରେ ଓଡ଼ିଆ ଝିଅଙ୍କ ସହ ଧରାପଡିଲେ ମୁସଲମାନ ଯୁବକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଉତ୍ତରାଖଣ୍ଡର ଏକ ହୋଟେଲରେ ଓଡ଼ିଶାର ଜଣେ ଝିଅ ସହିତ ଧରାପଡ଼ିଥିବା ଜଣେ ମୁସଲମାନ ଯୁବକ କ୍ୟାମେରା ସାମ୍ନାରେ ସ୍ୱୀକାର କରିଛି ଯେ ତା' ପାଖରେ ୩ଟି ଭିନ୍ନ ନାମରେ ୩ଟି ପ୍ୟାନ୍ କାର୍ଡ ଅଛି, ଯାହା ୟୁପିର ଏକ ମୌଲାନା ଗ୍ୟାଙ୍ଗ ଦ୍ୱାରା ତିଆରି କରାଯାଇଛି, ଗୋଟିଏ କାର୍ଡ ଉବେର/ଓଲା ଡ୍ରାଇଭିଂ ପାଇଁ, ଗୋଟିଏ କାର୍ଡ ସ୍ୱିଗି ଡେଲିଭରି ପାଇଁ ଏବଂ ଅନ୍ୟଟି ଲଭ୍ ଜିହାଦ ପାଇଁ। ସେ କ୍ୟାମେରା ସାମ୍ନାରେ ସ୍ୱୀକାର କରିଛି ଯେ-ହିନ୍ଦୁ ଝିଅର ଲଭ୍ ଜିହାଦରେ ସ୍ଥାନୀୟ ମୌଲାନା ମୋଟା ଅଙ୍କର ପ୍ରତିଶ୍ରୁତି ଦିଅନ୍ତି।

ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏବଂ ଦେଶ ତଥା ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ବିଭିନ୍ନ ମହଲରୁ ପ୍ରକାଶ ପାଇଛି ଯେ ରାପିଡୋ ସମେତ ଅନଲାଇନ୍ ପ୍ଲାଟଫର୍ମରେ କାମ କରୁଥିବା ସମସ୍ତଙ୍କର ଆଇଡି କଡ଼ା ଯାଞ୍ଚ ହେବା ଉଚିତ! ଯଦି କୌଣସି ମାମଲାରେ ଜଣାପଡ଼େ ଯେ ଜଣେ ବ୍ୟକ୍ତିଙ୍କ ନାମରେ ତିନୋଟି ଆଧାର କାର୍ଡ ଅଛି ଏବଂ ସେ ଜଣେ ଯୁବତୀଙ୍କ ସହିତ ରହୁଥିଲେ, ତେବେ ଏକ ନିରପେକ୍ଷ ତଦନ୍ତ କରାଯିବା ଉଚିତ। ଜଣେ ବ୍ୟକ୍ତିଙ୍କ ପାଖରେ ତିନୋଟି ଆଧାର କାର୍ଡ କିପରି ରହିବ? ଜଣେ ହିନ୍ଦୁ ତଥା ଓଡ଼ିଆ ଝିଅ ସହିତ ଏକ ହୋଟେଲରେ ଧରାପଡ଼ିଥିବା ଉପରୋକ୍ତ ମୁସଲିମ ବ୍ୟକ୍ତିଙ୍କ ପାଖରେ ତିନୋଟି ଆଧାର କାର୍ଡ ଥିବା ଜଣାପଡ଼ିବାରୁ ଏହି ଘଟଣା ଏବେ ଲୋକଲୋଚନକୁ ଆସିଛି। ସେହି ବ୍ୟକ୍ତିଙ୍କ ତିନୋଟି ଆଧାର କାର୍ଡ ମଧ୍ୟରୁ ଗୋଟିଏରେ ମୁସଲିମ ନାମ ଥିଲା ଏବଂ ଅନ୍ୟ ଦୁଇ କାର୍ଡରେ ହିନ୍ଦୁ ନାମ ଥିଲା। ଘଟଣାର ତଦନ୍ତ କରାଯାଉଛି। ହୁଏତ ଆହୁରି କିଛି ତଥ୍ୟ ଆଗକୁ ଜଣାପଡିବ।

ତେବେ ରାପିଡୋ, ସେଲ୍ସମ୍ୟାନ ଏବଂ ଅନ୍ୟାନ୍ୟ ଅନଲାଇନ୍ ସେବା ସହିତ ଜଡିତ ସମସ୍ତ କର୍ମଚାରୀଙ୍କ ପରିଚୟ, ଠିକଣା ଏବଂ ଅପରାଧିକ ପୃଷ୍ଠଭୂମି ନିୟମ ଅନୁଯାୟୀ ଯାଞ୍ଚ କରାଯିବା ଉଚିତ, ଯାହା ଦ୍ୱାରା କୌଣସି ନାଗରିକ ବିପଦରେ ପଡ଼ିବ ନାହିଁ। ଏହା ସହ ସମସ୍ତ ସାଧାରଣ ନାଗରିକ ମଧ୍ୟ ସତର୍କ ରହି ଏହି ସମସ୍ତ ପ୍ରକ୍ରିୟାରେ ସହଯୋଗ କଲେ ସମ୍ଭାବ୍ୟ ବିପଦକୁ କିଛିମାତ୍ରାରେ ଏଡାଇ ଦେଇହେବ ବୋଲି ମତପ୍ରକାଶ ପାଇଛି।

୨୪ ଘଣ୍ଟା ଭିତରେ ସୁଧୁରିବ ରେଲୱେ ଟ୍ରାକ ସ୍ଥିତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିବା ଟ୍ରେନ ଚଳାଚଳ ଉପରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତଟ ରେଳବାଇ ସିପିଆରଓ ଦୀପକ ରାଉତ। ସେ କହିଛନ୍ତି ଯେ, ୨୪ ଘଣ୍ଟା ଭିତରେ ସୁଧୁରିବ ରେଲୱେ ଟ୍ରାକ ସ୍ଥିତି। ଆଜି ସନ୍ଧ୍ୟା ସୁଦ୍ଧା ପାଣି କମିଲେ ଟ୍ରେନ ଚଳାଚଳ ସ୍ୱାଭାବିକ ନେଇ ଯାହା କହିହେବ।

ଅର୍ଣ୍ଣବ ଯୋଗୁଁ ଗଞ୍ଜାମ ଜିଲ୍ଲା ବାଘଲତି ଡ୍ୟାମରେ ପାଣି ବିପଦ ସଂକେତ ଉପରେ ପ୍ରବାହ କରୁଛି। ତେଣୁ ଇଚ୍ଛାପୁରମ ରେଳ ଓଭରବ୍ରିଜ ଉପରେ ପାଣି ବିପଦ ସଂକେତ ଉପରେ ଯାଉଛି। ପଲାସାକୁ ୩ ଟ୍ରେନ ବାତିଲ, ପଲାସାକୁ ୪ ଟ୍ରେନ ସର୍ଟ ଟର୍ମିନେସନ, ଲୋକେସନ କଣ୍ଟ୍ରୋଲ ୮ ଟି ଟ୍ରେନ ଓ ୬ ଟି ଟ୍ରେନ ଦିଗ ପରିବର୍ତ୍ତନ ହୋଇଛି। ମୁଖ୍ୟ ଶାସନ ସଚିବଙ୍କ ସହ ସମନ୍ୱୟ ରଖାଯାଇଛି। ଫସିଥିବା ଯାତ୍ରୀଙ୍କ ଖାଦ୍ୟ ପାଇଁ ଅଲଗା ଷ୍ଟାଫ ଦିଆଯାଇଛି। ଏଥିସହ ଟ୍ରେନ ଦିଗ ପରିବର୍ତ୍ତନ କରି ସେମାନଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉଛି। ସୋସିଆଲ ମିଡ଼ିଆ ଓ ଅନଲାଇନରୁ ଅଭିଯୋଗ ନିଆଯାଉଛି। ଦିଗ ପରିବର୍ତ୍ତନ ହେଲେ ବିଜୟନଗରମ, ଟିଟିଲାଗଡ଼, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁରରେ ଟ୍ରେନ ବାହାରି ଯିବ। ସେତେଟା କ୍ଷତି ହୋଇନି। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥିବାରୁ ଜଳସ୍ତର ଅଧିକ ଥିବାରୁ ଟ୍ରାକ ବନ୍ଦ କରାଯାଇଥିବା ସେ କହିଛନ୍ତି।

ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା : ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କଲା ବିଜେଡି

ଅଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ଓଡ଼ିଶା ବିଧାନସଭାରେ ବିଜେଡିର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବିଜେଡି ଟିକେଟ୍ରେ ନିର୍ବାଚିତ ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ସମ୍ପର୍କିତ ମାମଲାରେ ମାନ୍ୟବର ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କରିଛନ୍ତି। ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ପୂର୍ବରୁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ନିକଟରେ ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ନିୟମ ଅନୁଯାୟୀ ଆବେଦନ କରିଥିଲା। କିନ୍ତୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ମାନ୍ୟବର ବାଚସ୍ପତି ଏହାକୁ ଗ୍ରହଣ ନ କରି ଖାମଖିଆଲ ଭାବରେ ରାଜନୈତିକ ଉଦ୍ଦେଶ୍ୟ ରଖି ଖାରଜ କରିଥିଲେ। ଏହାକୁ ନେଇ ବିଜେଡି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୧ ମାସ ତଳେ ମାନ୍ୟବର ହାଇକୋର୍ଟ ଏହାକୁ ଗ୍ରହଣ କରି ମାନ୍ୟବର ବାଚସ୍ପତିଙ୍କୁ ନୋଟିସ୍ ଜାରି କରିଥିଲା ବେଳେ ମାନ୍ୟବର ବାଚସ୍ପତି ଜବାବ ଦାଖଲ ପାଇଁ ସମୟ ନେଇଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟରେ ମାନ୍ୟବର ହାଇକୋର୍ଟ ୫ ବିଧାୟକଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନୋଟିସ୍ ଜାରି କରି ନିଜ ପକ୍ଷ ରଖିବାକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଡଭୋକେଟ୍ ଜେନେରାଲ ଆଜି ଗଣମାଧ୍ୟମକୁ ଦେଇଥିବା ତାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଯେଉଁ ବିଧାୟକ ମାନେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ, ତାଙ୍କ ସଭ୍ୟ ପଦ ରଦ୍ଦ ଉପରେ ମତାମତ ନ ରଖି ବିଜେଡି ବାଚସ୍ପତିଙ୍କ ପାଖରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ନେଇ କରିଥିବା ଆବେଦନ ଉପରେ ଆଡଭୋକେଟ୍ ଜେନେରାଲ ମନ୍ତବ୍ୟ ରଖିବା ନିନ୍ଦନୀୟ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଜେଡି ବାଚସ୍ପତିଙ୍କ ପାଖରେ ଯେଉଁ ଆବେଦନ କରିଥିଲା, ତାହାକୁ ଏକପାଖିଆ ଭାବେ ଖାରଜ କରିଥିଲେ ବାଚସ୍ପତି। ଶ୍ରୀମତୀ ମଲ୍ଲିକ ଆହୁରି କହିଥିଲେ ଯେ, ନ୍ୟାୟିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରିବା ସହ ଏହି ମାମଲା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ହେବ ବୋଲି ଦଳ ଆଶା ରଖିଛି। ସାମ୍ବିଧାନିକ ଓ ଆଇନଗତ ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ମର୍ଯ୍ୟାଦା ରକ୍ଷା କରି ଏବଂ ପ୍ରତିଷ୍ଠିତ ଆଇନଗତ ନୀତି ଅନୁଯାୟୀ ଉପସ୍ଥାପନ କରାଯିବ।

୨୦୨୭ ଜନଗଣନା ପାଇଁ ବିଏମସିର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

୨୦୨୭ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଚାର୍ଜ ଅଫିସର ଓ ଚାର୍ଜ ଅଫିସିଆଲମାନଙ୍କ ନିମନ୍ତେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ବିଏମ୍ସି ମୁଖ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଓଡ଼ିଶାର ଜନଗଣନା ପରିଚାଳନା ନିର୍ଦ୍ଦେଶକ ତଥା ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ ଏବଂ ବିଏମସି କମିଶନର ତଥା ଭୁବନେଶ୍ୱର ଅଞ୍ଚଳର ପ୍ରମୁଖ ଜନଗଣନା ଅଧିକାରୀ ଚଞ୍ଚଳ ରାଣା ଯୋଗଦେଇ ଜନଗଣନାର ବିଭିନ୍ନ ଦିଗ ଉପରେ ଆବଶ୍ୟକ ମାର୍ଗଦର୍ଶନ କରିଥିଲେ। ଜନଗଣନା କାର୍ଯ୍ୟରେ ସଠିକତା, ସମନ୍ୱୟ ଓ ସମୟାନୁବର୍ତ୍ତିତା ବଜାୟ ରଖିବା ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ସେମାନେ ଗୁରୁତ୍ୱାରୋପ କରିଥିଲେ।

ଜନଗଣନା କାର୍ଯ୍ୟର ସୁପରିଚାଳନା ପାଇଁ ବିଏମ୍ସି ଅଞ୍ଚଳକୁ ୮ଟି ଚାର୍ଜ କ୍ଷେତ୍ରରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ୮ ଜଣ ଚାର୍ଜ ଅଫିସର ବା ଡେପୁଟି କମିଶନର, ୮ ଜଣ ଅତିରିକ୍ତ ଚାର୍ଜ ଅଫିସର, ୮ ଜଣ ଚାର୍ଜ କ୍ଲର୍କ ଏବଂ ୮ ଜଣ ବୈଷୟିକ ସହାୟକଙ୍କୁ ନିୟୋଜିତ କରାଯାଇଛି। ଏହି ଅଧିକାରୀ ଓ କର୍ମଚାରୀମାନଙ୍କୁ ଜନଗଣନା ସମ୍ପର୍କିତ ପ୍ରକ୍ରିୟା, ଦାୟିତ୍ୱ ଓ କାର୍ଯ୍ୟ ପରିଚାଳନା ବିଷୟରେ ଦୁଇଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ଜନଗଣନା କାର୍ଯ୍ୟାଳୟର ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଏମ୍ସିର ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, ଜନଗଣନା ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଗଣନାର ସଫଳ ରୂପାୟନ ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମନ୍ୱିତ ଉଦ୍ୟମ ଏବଂ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ ଉପରେ ଏହି ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱାରୋପ କରାଯାଇଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ: e-T-M-DEO-48-PUI-2026

କାର୍ଯ୍ୟର ନାମ: ପୁରୀ କୋଚିଂ ଡିପୋଠାରେ ପରିସଂଖ୍ୟାନ ଏବଂ ତଥ୍ୟ ପରିଚାଳନା (statistics & data management) କାର୍ଯ୍ୟ ନିମନ୍ତେ ଆଉଟସୋର୍ସିଂ ମାଧ୍ୟମରେ 03 ବର୍ଷ ଅବଧି ପାଇଁ କର୍ମଚାରୀ ନିଯୁକ୍ତି।

ବିଜ୍ଞାପିତ ମୂଲ୍ୟ : ₹3,28,25,129.08, EMD: ₹ 3,14,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800, ଶେଷ ହେବା ଅବଧି: 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା 02.11.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.11.2026 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର/ପୁରୀ
PR-516/R/26-27

ଲାଞ୍ଚ ମାମଲାରେ ଆରଆଇ ପ୍ରଶାନ୍ତ କୁମାର ନାୟକ ଦୋଷୀ ସାବ୍ୟସ୍ତ : ୪ ବର୍ଷ ଜେଲ୍ ଦଣ୍ଡ

କଟକ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲାଞ୍ଚ ମାମଲାରେ କଟକ ଜିଲ୍ଲାର ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ଆରଆଇ ପ୍ରଶାନ୍ତ କୁମାର ନାୟକଙ୍କୁ ୪ ବର୍ଷର ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ହୋଇଛି। କଟକ ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତ ଏହି ରାୟ ଶୁଣାଇଛନ୍ତି। ପ୍ରଶାନ୍ତ କୁମାର ନାୟକ କିଶନନଗର ତହସିଲ ଅଧୀନ ସମିତଙ୍ଗ ଆରଆଇ ସର୍କଲରେ ରାଜସ୍ୱ ନିରୀକ୍ଷକ ଥିବାବେଳେ ବର୍ତ୍ତମାନ ସାଲେପୁର ତହସିଲ ଅଧୀନ ସାଲେପୁର ଆରଆଇ ସର୍କଲରେ କାର୍ଯ୍ୟରତ ଥିଲେ। ସରକାରୀ ଜମି ସମ୍ପର୍କିତ ଏକ ଜବରଦଖଲ ମାମଲା ଜାରି ରଖିବା ପାଇଁ ସେ ଜଣେ ଅଭିଯୋଗକାରୀଙ୍କଠାରୁ ଲାଂଚ ଦାବି କରିବା ସହ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୭ ଏବଂ ୧୩(୨) ସହ ୧୩(୧)(ଡି) ଅନୁଯାୟୀ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଗୁରୁବାର, ୨୯ ଅକ୍ଟୋବର ୨୦୨୬ରେ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷର ସଶ୍ରମ କାରାଦଣ୍ଡ ଓ ଜରିମାନା ଦଣ୍ଡାଦେଶ ଦେଇଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୩୦ ଅକ୍ଟୋବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଭଜନରେ ଭିଜୁଛନ୍ତି ହବିଷ୍ୟାଳି : ଘର କଥା ପାସୋରି ଦେଇଛନ୍ତୁ

ପୁରୀ, ୨୯/୧୦ ନ୍ୟୁଜ ବ୍ୟୁରୋ

କାର୍ତ୍ତିକ ମାସ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ପୁରୀ । ସମସ୍ତ ହବିଷ୍ୟାଳି ଶିବିର ସହ ମଠ, ଆଶ୍ରମ ଧର୍ମଶାଳାରେ ହବିଷ୍ୟାଳିଙ୍କ ଭିଡ଼ ଜମୁଛି । ବର୍ଷା ପାଇଁ ମାଆମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ସରକାରୀ ଶିବିରରେ ବନ୍ଦ ରଖାଯାଇଥିଲା । ମାଆମାନେ କିନ୍ତୁ ଦିନ ତମାମ ଭଜନ, କୀର୍ତ୍ତନ, ନିଜ ନିଜ ଭିତରେ ରାଧା କୃଷ୍ଣ ବେଶ ହୋଇ ନୃତ୍ୟ ଗୀତରେ ମଜ୍ଜି ରହିଥିବା ଦେଖିବାକୁ ମିଳିଥିଲା । ସକାଳେ ବୃନ୍ଦାବତୀ ପୂଜନ, ବାଲୁକା ସ୍ଥାପନ ଓ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ହବିଷ୍ୟାଳି । ପ୍ରତି ସନ୍ଧ୍ୟାରେ ପରିବେଷିତ ହେଉଛି ପାଲା, ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ପ୍ରବଚନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ । ଏହି ଆଧାତ୍ମିକ ଭାବଧାରାର ସାଂସ୍କୃତିକ କାର୍ଯ୍ୟକ୍ରମ ହବିଷ୍ୟାଳି ମା'ମାନଙ୍କୁ କେବଳ ମନୋରଞ୍ଜନ ଦେଉନାହିଁ ବରଂ ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେଉଛି ବୋଲି କହିଛନ୍ତି ହବିଷ୍ୟାଳି ମା'ମାନେ । ବାଲେଶ୍ୱରର ସୁବାସିନୀ ଜେନା କହିଛନ୍ତି, ଏହା ଏକ ନିଆରା ଅନୁଭବ । ଆମ ଭିତରେ ଅନେକ ନୂଆ ପୁରୁଣା ମାଆମାନେ ଅଛନ୍ତି । ଆମେ ଘର ଦ୍ୱାର ଛାଡି ଆସିଲା ବେଳେ ଆଶଙ୍କା ଥିଲା, ଅଜଣା, ଅଶୁଣା ଲୋକ, ତାଙ୍କ ସହ କେମିତି ମିଶିବୁ, କେମିତି ଚଳିବୁ । ପିଲାମାନଙ୍କ କଥା ମନେ ପଡ଼ିବ । ହେଲେ ଏଠାରେ କଳା ଠାକୁରଙ୍କୁ ଥରେ ଦେଖି ଆଖିରୁ ଦି ଟୋପା ଲୁହ ଗଡ଼ିଗଲା ପରେ ସବୁ ମା' ମାନେ ନିଜର ନିଜର ଲାଗିବାକୁ ଲାଗିଲେ । ବୋଧହୁଏ ସେ ଦୁଇ ଟୋପା ଲୁହ ପରିବାର ପ୍ରତି ଥିବା ମାୟା, ମୋହ, ଆସକ୍ତିକୁ ଧୋଇ ଦେଲା । ପୁରୀ ଖଟିଆକୁଦୀର ଶାନ୍ତି ଲତା ତରାଇ ଓ ଖୋର୍ଦ୍ଧା ବରମୁଣ୍ଡାର କୌଶଲ୍ୟା ମହାରଣା କହିଛନ୍ତି ଆମେ ଆମ ପାରିବାରିକ ଜଞ୍ଜାଳ ମଧ୍ୟରୁ କେବେ ହେଲେ ଏତେ ଦିନ ପାଇଁ ବାହାରି ମହାପ୍ରଭୁଙ୍କ ଦର୍ଶନ ଲାଗି ଆସି ପାରି ନ ଥାନ୍ତୁ । ସେହି ବଡ଼ ଠାକୁରଙ୍କ ଡାକରାରେ ଆସିଛୁ । ଅତି ସୁନ୍ଦରରେ ଦର୍ଶନ କରୁଛୁ । ହୁଏତ ପରିବାର ସହ ବା ଏକୁଟିଆ ଆସୁଥିଲେ ଏମିତି ଦର୍ଶନ ସମ୍ଭବ ହେଉ ନଥାନ୍ତା । ଆମେ ନାଚୁଛୁ, ଗାଉଛୁ, ସାଙ୍ଗ ସାଥୀ ବନଉଛୁ । ପ୍ରତି ସନ୍ଧ୍ୟାରେ ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ପାଉଛୁ ।

ସାତ ଦଶନ୍ଧି ପରେ ଚିତା ଶିକାର : ତଦନ୍ତ ପାଇଁ ଆସିଲେ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଦଳ

ନୂଆଦିଲ୍ଲୀ, ୨୯/୧୦

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ ନିକଟରେ ଗୁଳିମାଡ଼ରେ ଏକ ୧୯ ମାସର ଚିତାର ମୃତ୍ୟୁ ଘଟଣାକୁ କେନ୍ଦ୍ର ସରକାର ଗୁରୁତ୍ୱର ସହ ନେଇଛନ୍ତି । ଘଟଣାର ତଦନ୍ତ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ଦଳ ପଠାଇଛି । ଗତ ସାତ ଦଶନ୍ଧି ମଧ୍ୟରେ ଭାରତରେ ଚିତା ଶିକାର ହୋଇଥିବାର ଏହା ପ୍ରଥମ ସନ୍ଦିଗ୍ଧ ଘଟଣା । ଶେଷଥର ପାଇଁ ୧୯୪୭ରେ ମହାରାଜା ରାମାନୁଜ ପ୍ରତାପ ସିଂହଦେଓଙ୍କ ଦ୍ୱାରା ୩ଟି ଚିତା ଶିକାର କରାଯାଇଥିଲା, ଯାହା ପରେ ୧୯୫୦ରେ ଭାରତରୁ ଚିତାବଂଶ ଲୋପ ପାଇଥିବା ଘୋଷଣା କରାଯାଇଥିଲା । ମୃତ ଚିତାର ନାମ କେଏନ୍‌ଜି୨୨ । ଏହା ନିର୍ଭା ନାମକ ମାଈ ଚିତାର ସନ୍ତାନ । ଅକ୍ଟୋବର ୨୫ ତାରିଖରେ ମଧ୍ୟପ୍ରଦେଶର ମୋରେନା ଜିଲ୍ଲା ଅନ୍ତର୍ଗତ ଜଙ୍ଗଲରେ ଏହା ଆହତ ଅବସ୍ଥାରେ ଠାବ ହୋଇଥିଲା । ଏହି ଅଞ୍ଚଳ କୁନୋ ଜାତୀୟ ଉଦ୍ୟାନର ସୁରକ୍ଷିତ ସୀମା ବାହାରେ ରହିଛି । ଚିତାଟିକୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା କରାଯାଇଥିଲା । ପରେ ଉନ୍ନତ ଚିକିତ୍ସା ପାଇଁ ଜବଲପୁରର ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅସ୍ତ୍ରୋପଚାର ବେଳେ ତା' ଶରୀରରୁ ପାଞ୍ଚଟି ପେଲେଟ୍ ବାହାର କରାଯାଇଥିଲା । ତେବେ ଚିକିତ୍ସା ସତ୍ତ୍ୱେ ଅକ୍ଟୋବର ୨୭ ତାରିଖରେ ତା'ର ମୃତ୍ୟୁ ହୋଇଥିଲା । ତଦନ୍ତ ପାଇଁ ଗଠିତ କେନ୍ଦ୍ରୀୟ ଦଳରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)ର ଜଣେ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ଫରେଷ୍ଟ୍ସ ଏବଂ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲ୍ୟୁସିସିବି)ର ଦୁଇଜଣ ବରିଷ୍ଠ ଅଧିକାରୀ ରହିଛନ୍ତି । ଏହି ଦଳ ମଧ୍ୟପ୍ରଦେଶ ବନ ବିଭାଗ ସହ ମିଶି ଘଟଣାର ସମସ୍ତ ଦିଗ ଯାଞ୍ଚ କରିବ । ଚିତାର ମୃତ୍ୟୁ ପଛର କାରଣ, ଉପଲବ୍ଧ ପ୍ରମାଣ ଏବଂ ପ୍ରକଳ୍ପ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ଯାଞ୍ଚ କରି ମନ୍ତ୍ରଣାଳୟକୁ ରିପୋର୍ଟ ଦେବ ଏହି ଦଳ । ରାଜ୍ୟ ସରକାର ମଧ୍ୟ ବନ ଓ ପୁଲିସ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି । ଏହି ଘଟଣାରେ ବନ୍ୟପ୍ରାଣୀ କର୍ମୀ ଅଜୟ ଦୁବେ ମଧ୍ୟପ୍ରଦେଶ ହାଇକୋର୍ଟରେ ଆବେଦନ କରି ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି । ରେଡିଓ କଲାର ଲାଗିଥିବା ଚିତାର ସୁରକ୍ଷାରେ ବନ ବିଭାଗ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ତେବେ ଚିତାଟିକୁ ଶିକାର କରାଯାଇଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

ବିଦ୍ରୋହୀ ବିଜେଡି ବିଧାୟକଙ୍କ ପାଇଁ ବଢ଼ିଲା ଅଡୁଆ : ୫ ଜଣଙ୍କୁ ହାଇକୋର୍ଟଙ୍କ ନୋଟିସ୍

ସଭ୍ୟପଦ ରଦ୍ଦ ଆବେଦନ ମାମଲାରେ ଜବାବ ତଲବ : ଜାନୁଆରୀ ୧୧ରେ ପରବର୍ତ୍ତୀ ଶୁଣାଣି

କଟକ, ୨୯।୧୦ ନ୍ୟୁଜ ବ୍ୟୁରୋ

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିଜୁ ଜନତା ଦଳ (ବିଜେଡି)ରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ଏବେ ଆଇନଗତ ଲଢ଼େଇର ରୂପ ନେଇଛି । ଦଳର ବିଦ୍ରୋହୀ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ମାମଲାରେ ଗୁରୁବାର ହାଇକୋର୍ଟ ପାଞ୍ଚ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିବା ସହ ସେମାନଙ୍କଠାରୁ ଜବାବ ତଲବ କରିଛନ୍ତି । ଆସନ୍ତା ଜାନୁଆରୀ ୧୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ହାଇକୋର୍ଟଙ୍କ ନୋଟିସ୍ ପାଇଥିବା ବିଧାୟକମାନେ ହେଲେ ଅରବିନ୍ଦ ମହାପାତ୍ର, ସୁବାସିନୀ ଜେନା, ସନାତନ ମହାକୁଡ଼, ସୌଭିକ ବିଶ୍ୱାଳ ଓ ଚକ୍ରମଣୀ କହଁର । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଶୁଣାଣି ସମୟରେ ବାଚସ୍ପତିଙ୍କ ନିକଟରେ ସାନି ଆବେଦନ

କରିବାର ବୈଧତା ପ୍ରସଙ୍ଗ ମୁଖ୍ୟତଃ ଉଠିଥିଲା । ବାଚସ୍ପତିଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରି ଆଡ୍‌ଭୋକେଟ୍ ଜେନେରାଲ କହିଥିଲେ ଯେ, ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କରେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ । ତେଣୁ ଉକ୍ତ ନିର୍ଦ୍ଦେଶର ପୁନର୍ବିଚାର କରିବା ପାଇଁ କୌଣସି ବ୍ୟବସ୍ଥା ନଥିବା ସେ ଯୁକ୍ତି ରଖିଥିଲେ । ଏହି ପ୍ରସଙ୍ଗକୁ ବିଚାରକୁ ନେଇ ହାଇକୋର୍ଟ ସମ୍ପୃକ୍ତ ପାଞ୍ଚ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି । ତେବେ ଏହି ମାମଲାରେ ଚୂଡ଼ାନ୍ତ ନିଷ୍ପତ୍ତି ଆସିବାକୁ ଥିବାରୁ ଆଗାମୀ ଶୁଣାଣି ଉପରେ ରାଜନୈତିକ ମହଲର ନଜର ରହିଛି । ସୂଚନାନୁସାରେ, ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିଜେଡିରେ ବିବାଦ ତୀବ୍ର ହୋଇଥିଲା । ଦଳର ଆଠ ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିବା ଅଭିଯୋଗ ପରେ ସେମାନଙ୍କ ସଭ୍ୟପଦ ରଦ୍ଦ କରିବାକୁ ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲା ବିଜେଡି । କିନ୍ତୁ ବାଚସ୍ପତି ବୈଷୟିକ କାରଣ ଦର୍ଶାଇ ଉକ୍ତ ଆବେଦନକୁ ଖାରଜ କରିଥିଲେ । ଏହାପରେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ବିଜେଡି ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା । ଅନ୍ୟପକ୍ଷରେ, ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ, ସେମାନେ କେବଳ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ନ୍ୟାୟାଳୟର ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ଆବେଦନକୁ ହାଇକୋର୍ଟ ଗ୍ରହଣ କରିଥିବାରୁ ଆଗାମୀ ଶୁଣାଣିରେ ମାମଲା କେଉଁ ଦିଗକୁ ଗତି କରୁଛି, ତାହା ସ୍ପଷ୍ଟ ହେବ ।

ବାତ୍ୟା ପରବର୍ତ୍ତୀ ବର୍ଷାରେ ଗଞ୍ଜାମ ଓ ଗଜପତି ସ୍ଥିତି ଗମ୍ଭୀର : ୨୯ ହଜାରରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ

ଭୁବନେଶ୍ୱର, ୨୯।୧୦ ନ୍ୟୁଜ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଛି । ବିଶେଷ କରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି । ଉଭୟ ଜିଲ୍ଲାର ମୋଟ ୨୯ଟି ବ୍ଲକର ୧୦୧୦ଟି ଗ୍ରାମ ପ୍ରଭାବିତ ହୋଇଛି । ଗଞ୍ଜାମର ୪୨,୫୦୦ ଓ ଗଜପତିର ୨୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ୨୯,୩୨୩ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି ଏସ୍‌ଆରସି କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ବିଶେଷ କରି ଗଞ୍ଜାମ ଜିଲ୍ଲାରେ ପ୍ରଭାବିତଙ୍କ



ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏସଆରସି ରାଜେଶ ପ୍ରଭାକର ପାଟିଲ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ସହ ଆଲୋଚନା କରିଥିଲେ । ଗଞ୍ଜାମ ଜିଲ୍ଲାର ୭୦ଟି ଗ୍ରାମର ୨୩୨୮ ଜଣ ଜଳଘେରରେ ରହିଛନ୍ତି । ପ୍ରଖର ଜଳସ୍ରୋତ ଯୋଗୁଁ ଉଦ୍ଧାରକାରୀ ଦଳ ପହଞ୍ଚିପାରୁ ନଥିବା ଅଞ୍ଚଳରେ ଲୋକଙ୍କୁ ଏୟାରଲିଫ୍ଟିଂ ମାଧ୍ୟମରେ ଉଦ୍ଧାର କରିବା ନେଇ ବିଚାର କରାଯାଉଛି । ଏଥିପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ଅଞ୍ଚଳର ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସେବା ଯୋଗାଇଦେବାକୁ ପଦକ୍ଷେପ ନିଆଯାଇଛି । ଗଞ୍ଜାମ ଜିଲ୍ଲାର ୧୧,୮୮୨ ଜଣ ଓ ଗଜପତି ଜିଲ୍ଲାର ୧୭,୪୪୧ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି । ଗଞ୍ଜାମର ୫୫୦ ଓ ଗଜପତିର ୪୨୦ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଗଜାମ ଜିଲ୍ଲାରେ ୨୭ଟି ଓଡ୍ରାଫ୍, ୩ଟି ଏନଡିଆରଏଫ୍ ଏବଂ ୨୪ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ୍, ୧ଟି ଏନଡିଆରଏଫ୍ ଏବଂ ୧୨ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଅନ୍ୟପକ୍ଷରେ, ଗଞ୍ଜାମର ଚିକିଟି ଓ ପାତ୍ରପୁର ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ବାଘଲଟି ଜଳଭଣ୍ଡାର ଓ ବାହୁଦା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଏହି ପରିସ୍ଥିତିରେ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛାପୁରମ୍ ଓ ଜଟପୁଡ଼ି ଷ୍ଟେସନ ମଧ୍ୟରେ ଡାଙ୍ଗୁଏଡ଼ା ନିକଟସ୍ଥ ରେଳ ବ୍ରିଜ୍ ନଂ.୧୦୫୨ରେ ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବା ସୂଚନା ମିଳିଥିଲା । ଏଥିଯୋଗୁଁ ଉଭୟ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଗଂଜାମ ପଟରେ କେତେକ ଟ୍ରେନ୍ ଅଟକି ରହିଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଓ ଶ୍ରୀକାକୁଲମ୍ ଜିଲ୍ଲା ପ୍ରଶାସନ ସହିତ ପୂର୍ବତଟ ରେଳପଥର ବିଶାଖାପାଟଣା ଓ ଭୁବନେଶ୍ୱରସ୍ଥିତ ଅଧିକାରୀମାନଙ୍କ ସହ ନିରନ୍ତର ସମନ୍ୱୟ ରଖାଯାଇଛି । ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ କଥାହେବା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅତ୍ୟାବଶ୍ୟକ ପଦକ୍ଷେପ ଏବଂ ଅଟକି ରହିଥିବା ଜଣସାଧାରଣଙ୍କ ନିମନ୍ତେ ଜରୁରୀ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି । ପ୍ରଭାବିତ ଲୋକଙ୍କ ସୁରକ୍ଷା, ଉଦ୍ଧାର, ଥଇଥାନ ଓ ରିଲିଫ୍ ବଣ୍ଟନକୁ ପ୍ରଶାସନ ପ୍ରାଥମିକତା ଦେଇଛି ।

ବଡଦାଣ୍ଡରେ ଟଳିଲା ବଡ଼ ବିପଦ

ପୁରୀ, ୨୯/୧୦ ନ୍ୟୁଜ ବ୍ୟୁରୋ

ପୁରୀ ବଡ଼ଦାଣ୍ଡରେ ଟଳିଯାଇଛି ବଡ଼ ଅଘଟଣ । ବଡ଼ଦାଣ୍ଡରେ ଓଲଟି ପଡ଼ିଥିଲା ଗ୍ୟାସ୍ ସିଲିଣ୍ଡର ବୋଝେଇ ଅଟୋ । ରାସ୍ତା ଉପରେ ଗଡ଼ିଲା ୩୩ ସିଲିଣ୍ଡର । ପୁରୀ ବଡ଼ଦାଣ୍ଡ ବଳଗଣ୍ଡି ଛକ ଉପରେ ଘଟିଛି ଏଭଳି ଏକ ଭୟାନକ ଦୃଶ୍ୟ ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୧୦/୨୦୨୬
୩,୫୩,୪୭୧/-ଟଙ୍କା
ସୁନା:- ୦୨ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୦୫ ଗ୍ରାମ୍ ୩୦୦ ମିଲିଗ୍ରାମ୍

ଗଜପତିରେ ଭୂସ୍ଖଳନ : ଯାତାୟାତ ଠପ୍, ରାସ୍ତାରେ ଫସିଲା ଆମ୍ବୁଲାନ୍ସ

ପାରଳାଖେମୁଣ୍ଡି, ୨୯/୧୦ ନ୍ୟୁଜ ବ୍ୟୁରୋ

ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ବଡ଼ଦେଉଳା ଓ ଗଙ୍ଗାବାଡ଼ ମଧ୍ୟବର୍ତ୍ତୀ ରାସ୍ତାରେ ଭୟଙ୍କର ଭୂସ୍ଖଳନ ହୋଇଛି । ରାସ୍ତାରେ ଏକ ପାହାଡ଼ିଆ ଅଂଶ ଧସିଯାଇଛି । ପାହାଡ଼ରୁ ମାଟି ଓ ପଥର ଅସଡ଼ା ଖସିପଡ଼ିବା ଫଳରେ ଯାତାୟତ ପ୍ରଭାବିତ ହୋଇଛି । ରାସ୍ତା ଉପରେ ବିରାଟ ବିରାଟ ପଥରଖଣ୍ଡ ଓ କାଦୁଅ ମାଟି ପଡ଼ିଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ତେବେ ଗଙ୍ଗାବାଡ଼ ଅଭିମୁଖେ ଯାଉଥିବା ଏକ ଆମ୍ବୁଲାନ୍ସ ମଝି ରାସ୍ତାରେ ଫସି ରହିଥିଲା । ଗଙ୍ଗାବାଡ଼ରୁ କଇଁପୁର ହସ୍ପିଟାଲକୁ ରୋଗୀ ନେଇ ଯିବା ସମୟରେ ଭୂସ୍ଖଳନ ହେବାରୁ ଆମ୍ବୁଲାନ୍ସ ଅଟକି ରହିଥିଲା । ପରେ ରୋଗୀଙ୍କୁ ଅନ୍ୟ ଏକ ରାସ୍ତା ଦେଇ ସୁରକ୍ଷିତ ଭାବେ କଇଁପୁର ହସ୍ପିଟାଲକୁ ନିଆଯାଇଛି । ରାସ୍ତାରେ ପଥର ଓ ମାଟି ଅଜାଡ଼ି ହୋଇପଡ଼ିଥିବାରୁ ଏହି ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଉପାନ୍ତ ଅଞ୍ଚଳର ଲୋକେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଫସି ରହିଛନ୍ତି । ପ୍ରଶାସନ ପକ୍ଷରୁ ରାସ୍ତା ସଫା କରିବାକୁ ଉଦ୍ୟମ ଜାରି ରହିଛି । ତଥାପି ଲଗାଣ ବର୍ଷା, ରାସ୍ତା ସଫା କାର୍ଯ୍ୟରେ ପ୍ରମୁଖ ବାଧକ ସାଜିଛି । ସେପଟେ ବାତ୍ୟା ପାଇଁ ଗଜପତି ଜିଲ୍ଲାରେ ଆଉ ୨ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି । ୩୧ ତାରିଖ ଯାଏଁ ଜିଲ୍ଲାର ସମସ୍ତ ସ୍କୁଲ ବନ୍ଦ ରହିବ । ପୂର୍ବରୁ ପ୍ରଶାସନ ପକ୍ଷରୁ ୨୯ ତାରିଖ ଯାଏଁ ସ୍କୁଲ ଛୁଟି ଘୋଷଣା କରାଯାଇଥିଲା । ଦଶହରା ଛୁଟି ପରଠାରୁ ସ୍କୁଲ ଖୋଲିନାହିଁ । ତେବେ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗୁରୁବାର ଜିଲ୍ଲାପାଳ ମହେନ୍ଦ୍ରତନୟା ନଦୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏହାସହ ଜିଲ୍ଲାପାଳ ଚନ୍ଦ୍ରଗିରି ଅଞ୍ଚଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକୀୟ ପ୍ରସ୍ତୁତି ଓ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି ।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ଭେଟିଲେ ଓଡ଼ିଶାର ରାଜ୍ୟପାଳ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯/ ୧୦ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ ଗୁରୁବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ଅବସରରେ ରାଷ୍ଟ୍ରପତିଙ୍କ ମୂଲ୍ୟବାନ ସମୟ ଓ ମାର୍ଗଦର୍ଶନ ପାଇଁ ରାଜ୍ୟପାଳ କୃତଜ୍ଞତା ଜଣାଇଛନ୍ତି । ସେହିପରି ଓଡ଼ିଶାର ରାଜ୍ୟପାଳ ଭାରତର ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ସହ ବିଭିନ୍ନ ବିଷୟରେ ମତ ବିନିମୟ ହୋଇଥିଲା ।

ଭିଜିଲାନ୍ସ ଜାଲରେ ଡେପୁଟି ରେଞ୍ଜର

କଟକ, ୨୯/୧୦ ନ୍ୟୁଜ ବ୍ୟୁରୋ

ଲାଞ୍ଚ ନେବାବେଳେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଫୁଲନଖରା ରେଞ୍ଜର ଡେପୁଟି ରେଞ୍ଜର ମୌସୁମୀ ବେହେରା । ତିନୋଟି ପ୍ଲାଣ୍ଟେସନ୍ ସ୍ଥଳର ରକ୍ଷଣାବେକ୍ଷଣ ବାବଦ ବିଲ୍ ମଞ୍ଜୁର କରିବା ପାଇଁ ସେ ନିଜ ରେଞ୍ଜର ଜଣେ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଗୁରୁବାର ଭିଜିଲାନ୍ସ ତାଙ୍କୁ ଧରିଛି । ଅଭିଯୁକ୍ତ ଡେପୁଟି ରେଞ୍ଜରଙ୍କ କବଳରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୌସୁମୀ ବେହେରା ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ୍ ଅଧୀନ ଫୁଲନଖରା ରେଞ୍ଜରେ କାର୍ଯ୍ୟରତ ଅଛନ୍ତି । ଜୁଲାଇରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ତିନୋଟି ପ୍ଲାଣ୍ଟେସନ୍ ସ୍ଥଳର ରକ୍ଷଣାବେକ୍ଷଣ, ଜଗାରଖା, ଜଳସେଚନ ଓ ସାର ପ୍ରୟୋଗ ଆଦି କାର୍ଯ୍ୟ ପାଇଁ ହୋଇଥିବା ବିଲ୍ ମଞ୍ଜୁର କରିବା ବଦଳରେ ସେ ସମ୍ପୃକ୍ତ କର୍ମଚାରୀଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି । ଏପରିକି ଦାବି ମୁତାବକ ଟଙ୍କା ନଦେଲେ ଆଗାମୀ ମାସଗୁଡ଼ିକର ବିଲ୍ ମଞ୍ଜୁର କରାଯିବ ନାହିଁ ବୋଲି ଡେପୁଟି ରେଞ୍ଜର ଧମକ ଦେଇଥିବା ଅଭିଯୋଗକାରୀ ଭିଜିଲାନ୍ସକୁ ଜଣାଇଥିଲେ । ଲାଞ୍ଚ ଦାବିରେ ଅସନ୍ତୁଷ୍ଟ ହେବା ସହ ଅର୍ଥ ଦେବାକୁ ଅସମର୍ଥ ହୋଇ କର୍ମଚାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଆଧାରରେ ଭିଜିଲାନ୍ସ ଏକ ଯୋଜନାବଦ୍ଧ ଚଢ଼ଉ କରିଥିଲା । ଏହି ସମୟରେ ମୌସୁମୀ ବେହେରା ଅଭିଯୋଗକାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଗ୍ରହଣ କରୁଥିବାବେଳେ ତାଙ୍କୁ ଧରାଯାଇଥିଲା । ତାଙ୍କଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରିବା ସହ ଭିଜିଲାନ୍ସ ତାହାକୁ ଜବତ ତାଲିକାଭୁକ୍ତ କରିଛି । ଅନ୍ୟପକ୍ଷରେ, ଆୟବହିର୍ଭୂତ ସମ୍ପତ୍ତି ଠାବ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଡେପୁଟି ରେଞ୍ଜରଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସି ଅଭିଯାନ ଜାରି ରହିଛି । ଏହି ଘଟଣାରେ ଭିଜିଲାନ୍ସ ସେଲ୍ ଥାନାରେ କେସ୍ ନମ୍ବର ୦୯, ତାରିଖ ୨୮.୧୦.୨୦୨୬ରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଜାରି ରହିଥିବାବେଳେ ଅଧିକ ତଥ୍ୟ ପରବର୍ତ୍ତୀ ସମୟରେ ଜଣାପଡ଼ିବ ।

ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବଡ ବୟାନ
ଦେଶର ବିକାଶ ପାଇଁ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସିପିଏସଇ ପରୀକ୍ଷା ପାଇଁ ତଥ୍ୟ ଯାଞ୍ଚ ଅବଧି ନଭେମ୍ବର ୮କୁ ବୃଦ୍ଧି

ଭୁବନେଶ୍ୱର, ୨୯/୧୦ ନ୍ୟୁଜ ବ୍ୟୁରୋ

ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ (ସିପିଏସଇ-୨୦୨୪) ଅନ୍ତର୍ଗତ ଉପ-ନିରୀକ୍ଷକସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ ତଥା ବୈଧୀକରଣ କରିବାର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି । ଏବେ ପ୍ରାର୍ଥୀମାନେ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ ।

ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ, ବିଶେଷତଃ ବୟସ କୋହଳ ବ୍ୟବସ୍ଥା ଅନ୍ତର୍ଗତ ଯୋଗ୍ୟ ପ୍ରାର୍ଥୀଙ୍କ ସମେତ, ଯେଉଁମାନେ ୨୦୨୫ ମସିହାରେ ବିଜ୍ଞାପିତ ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ –ନିରୀକ୍ଷକ ସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିଲେ, ସେମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ଏଚଟିପିପିଏସ୍ ://ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍‌ରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ /ବୈଧୀକରଣ କରିବାର ଶେଷ ତାରିଖ ଆଉ ୧୦ ଦିନ ବୃଦ୍ଧି କରାଯାଇ ୦୮.୧୧.୨୦୨୬ ରିଖ ରାତି ୧୦.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ଜଣାଇଦିଆଯାଇଛି । ସମସ୍ତ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଆୟୋଗଙ୍କ ୱେବସାଇଟ୍‌ରେ ଲଗ୍ ଇନ୍ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ / ବୈଧୀକରଣ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅଦ୍ୟତନ / ବୈଧୀକରଣ କରାଯାଇଥିବା ତଥ୍ୟ ସିପିଏସଇ-୨୦୨୪ ପରୀକ୍ଷାର ପରବର୍ତ୍ତୀ ସମସ୍ତ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ । ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବା ପାଇଁ ଏହା ଶେଷ ସୁଯୋଗ । କୌଣସି ପରିସ୍ଥିତିରେ ଏହି ସମୟସୀମା ବୃଦ୍ଧି କରାଯିବ ନାହିଁ ।ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ସମାପ୍ତ ନକରିଥିବା ପ୍ରାର୍ଥୀମାନେ ଏଥିଯୋଗୁଁ ଉପୁଜିବାକୁ ଥିବା ପରିଣାମ ପାଇଁ ନିଜେ ଦାୟୀ ରହିବେ ବୋଲି କମିଶନ ତରଫରୁ ସ୍ପଷ୍ଟ କରାଯାଇଛି । ଶେଷ ମୁହୂର୍ତ୍ତରେ କୌଣସି ଅସୁବିଧା ଏଡ଼ାଇବା ପାଇଁ ପ୍ରାର୍ଥୀମାନଙ୍କୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପରାମର୍ଶ ଦିଆଯାଉଛି ।ଏ ସଂପର୍କରେ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସଚିବ, ଓଡିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗଙ୍କ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି ।

ମହିଳା ହିଂସା ଉପରମୁହାଁ : ୭ ମାସରେ ୩୧ ହତ୍ୟା, ୩୬ ଦୁଷ୍କର୍ମ

ପୁରୀ, ୨୯/୧୦ ନ୍ୟୁଜ ବ୍ୟୁରୋ

ପୁରୀ ଜିଲ୍ଲାରେ ଅସୁରକ୍ଷିତ ମହିଳା । ବଢ଼ି ଚାଲିଛି ମହିଳା ବିରୋଧୀ ଅପରାଧ । ଅପରାଧ ନିୟନ୍ତ୍ରଣରେ ଫେଲ୍ ମାରୁଛି ପୁଲିସ ଓ ଜିଲ୍ଲା ପ୍ରଶାସନିକ ସଚେତନତା ଏବଂ ଉଦ୍ୟମ । ମାମଲାର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଓ ଚାର୍ଜସିଟ୍ ଦାଖଲରେ ମଧ୍ୟ ପୁଲିସ ଖୁବ୍ ଧିମା । ଯାହା ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର କାରଣ ହୋଇଛି । ଅପରାଧ ଦମନରେ ପ୍ରଶାସନିକ ଏହି ବିଫଳତା ଅଧିକାରୀମାନଙ୍କ ଦାୟିତ୍ୱ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ଗୃହ ବିଭାଗ ତଥ୍ୟ ମୁତାବକ, ଚଳିତ ବର୍ଷର ପ୍ରଥମ ୭ ମାସ ଭିତରେ ଅର୍ଥାତ୍ ଜାନୁଆରୀରୁ ଜୁଲାଇ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନାରେ

ମୋଟ ପ୍ରାୟ ୩୧ଟି ମହିଳା ହତ୍ୟା ମାମଲା ରୁଜୁ ହୋଇଛି । ଏହା ମଧ୍ୟରୁ ଗୋଟିଏର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ବାକିଗୁଡ଼ିକର ତଦନ୍ତ ଚାଲିଛି । ଏହି ମହିଳା ହତ୍ୟା ମାମଲାରେ ୨୭ ଜଣ ପୁରୁଷଙ୍କୁ ଗିରଫ କରାଯାଇଛି । ସେହିପରି ଏହି ୭ ମାସରେ ମୋଟ ୩୬ଟି ଦୁଷ୍କର୍ମ ମାମଲାରେ ୭ଟିର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୩୨ ଜଣ ପୁରୁଷଙ୍କୁ ଗିରଫ କରାଯାଇଛି । ସେହିପରି ଅନୈତିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିଦେବା ନେଇ ୧୦ଟି ମାମଲାରେ ମାତ୍ର ୨ଟିର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ପୁଲିସ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ୩ଟି ବଳାତ୍କାର ଉଦ୍ୟମ ମାମଲାରେ କୌଣସି ଚାର୍ଜସିଟ୍ ଦାଖଲ ହୋଇନଥିବା ବେଳେ ୨ ଜଣଙ୍କୁ ପୁଲିସ ଗିରଫ କରିପାରିଛି । ସେହିପରି ଉତ୍ପୀଡ଼ନ ଦେବା ନେଇ ୧୩୭ ମାମଲାରେ ୩୦ଟି ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୨୯ ଜଣଙ୍କୁ ଗିରଫ କରାଯାଇଥିଲା । ଯୌନ ଉତ୍ପୀଡ଼ନ ନେଇ ୨୬ଟି ମାମଲାରେ ମାତ୍ର ୬ ମାମଲାରେ ପୁଲିସ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୯ ଜଣଙ୍କୁ ପୁଲିସ ଗିରଫ କରିଥିଲା । ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ହଇରାଣ କରିବା ନେଇ ୪୨ଟି ମାମଲାରେ ୧୫ଟିର ଚାର୍ଜସିଟ୍ ପୁଲିସ ଦାଖଲ କରିଥିବା ବେଳେ ୮ ଜଣଙ୍କୁ ଗିରଫ କରାଯାଇପାରିଛି । ମହିଳାଙ୍କ ବିନା ଅନୁମତିରେ ନଗ୍ନ ଫଟୋ ପ୍ରଭୃତି ଉଠାଇବା ନିମନ୍ତେ ୩ଟି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ କୌଣସି ଚାର୍ଜସିଟ୍ ଦାଖଲ ହୋଇନି । ମହିଳାଙ୍କୁ ପିଛା କରିବା ନେଇ ୯ ମାମଲାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ କୌଣସି ଚାର୍ଜସିଟ୍ ଦାଖଲ ହୋଇନି । ସର୍ବସାଧାରଣରେ ଛିଗୁଲାଇବା ଓ ଯୌନ ନିର୍ଯାତନା ଦେବା ନେଇ ୨୧ଟି ମାମଲାରେ ମାତ୍ର ୨ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ମାତ୍ର ୪ ଜଣଙ୍କୁ ପୁଲିସ ଗିରଫ କରିପାରିଛି । ଏହି ୭ ମାସ ମଧ୍ୟରେ ଜିଲ୍ଲାରେ ୨୩୧ ମହିଳା ଅପହରଣ ମାମଲାରେ ୨ଟି ଚାର୍ଜସିଟ୍ ପୁଲିସ ଦାଖଲ କରିଥିବା ବେଳେ ୧୫ ଜଣଙ୍କୁ ଗିରଫ କରିଛି । ସେହିପରି ଏହି ସମୟ ମଧ୍ୟରେ ୪ଟି ଯୌତୁକ ଜନିତ ହତ୍ୟା ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ କୌଣସି ଚାର୍ଜସିଟ୍ ଦାଖଲ ହୋଇପାରିନି । ସେହିପରି ଏହି ୭ ମାସରେ ୩ଟି ଯୌତୁକଜନିତ ଆତ୍ମହତ୍ୟା ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ କୌଣସି ଚାର୍ଜସିଟ୍ ଦାଖଲ ହୋଇପାରିନି । ସେହିପରି ୮୧ଟି ଯୌତୁକ ନିର୍ଯାତନା ମାମଲାରେ ପୁଲିସ ୬ ଜଣଙ୍କୁ ଗିରଫ କରିଥିବା ବେଳେ ମାତ୍ର ୧୨ଟିର ଚାର୍ଜସିଟ୍ ଦାଖଲ ହୋଇଛି । ଅଣଯୌତୁକ ନିର୍ଯାତନା ନେଇ ୯୧ଟି ମାମଲାରେ ୧୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୮ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com